ବର୍ଷ-୨୬, ସଂଖ୍ୟା-୧୬୦
ଭୁବନେଶ୍ୱର
୧୪, ଜୁନ ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 160
Bhubaneswar
14, June, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


# ବାୟୁ ସେନା ବିମାନ କ୍ରାଶ

## ୫ ବୀର ଯବାନଙ୍କୁ ହରାଇଲା ଦେଶ, ସହ ପାଇଲଟ ସୁରକ୍ଷିତ

ନୂଆଦିଲ୍ଲୀ, ୧୩।୬(ମହାଭାରତ): ଭାରତୀୟ ବାୟୁ ସେନାର ଏଏନ-୩୨ ପରିବହନ ବିମାନ କ୍ରାଶରେ ଦେଶ ୫ ଜଣ ବୀର ଯବାନଙ୍କୁ ହରାଇଛି। ଆଜି ସକାଳେ ଆସାମର ଜୋରହାଟ ଏୟାର ବେସରେ ଏନଏନ-୩୨ ପରିବହନ ବିମାନ ଲ୍ୟାଣ୍ଡିଂ କରିବା ବେଳେ କ୍ରାଶ କରି ଯାଇଥିଲା।



କ୍ରାଶ ପରେ ଏଥିରେ ନିଆଁ ଲାଗି ଯାଇଥିଲା। ଏଥିରେ ୫ ଜଣ କର୍ମଚାରୀ ପ୍ରାଣ ହରାଇଥିବା ବେଳେ ବିମାନର ସହ ପାଇଲଟ ବର୍ତ୍ତି ଯାଇଛନ୍ତି। ଏବେ ତାଙ୍କର ଚିକିତ୍ସା ହସ୍ପିଟାଲରେ ଚାଲିଥିବା ବାୟୁ ସେନା ପକ୍ଷରୁ କୁହାଯାଇଛି। ପୂର୍ବରୁ ଦୁର୍ଘଟଣାକୁ ନିଶ୍ଚିତ କରିଥିବା ବାୟୁ ସେନା ଏବେ ସଂଶୋଧିତ ଅପଡେଟରେ ୫ କର୍ମଚାରୀ ପ୍ରାଣ ହରାଇଥିବା କଥାକୁ ନିଶ୍ଚିତ କରିଛି। ଏଥିସହ କ୍ରାଶର କାରଣ ଖୋଜିବାକୁ ତଦନ୍ତ ଆରମ୍ଭ ହୋଇଥିବା ବାୟୁସେନା କହିଛି।ଜୋରହାଟ ଏଏନ-୩୨ ବିମାନ କ୍ରାଶରେ ସ୍କ୍ୱାର୍ଡନ ଲିଡର ପ୍ରଶାନ୍ତ ସିଂହ, ଫ୍ଲାଇଟ ଲେଫ୍ଟନାଣ୍ଟ ଶୁଭମନ କୁମାର ସର୍ଜେଣ୍ଟ ଜିତେନ୍ଦ୍ର ଶର୍ମା, ଅଗ୍ନିବୀର ବାୟୁ ଖେମରାମ କୁମାୱତ ଓ ଅଗ୍ନିବୀର ବାୟୁ ଦାନିଶ ଆଲମ ପ୍ରାଣ ହରାଇଛନ୍ତି। ସେମାନଙ୍କ ପ୍ରତି ସେନା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ପ୍ରାଥମିକ ଆକଳନରୁ ଜଣାପଡିଛି ଯେ ବିମାନଟି ନିୟମିତ ଉଡାଣ ପରେ ଏୟାରବେସ୍‌ରେ ଲ୍ୟାଣ୍ଡିଂ କରୁଥିଲା। କିନ୍ତୁ ଲ୍ୟାଣ୍ଡିଂ ସମୟରେ ଏହା କ୍ରାଶ କରିଯାଇଥିଲା। ଏହାପରେ ବିମାନରେ ନିଆଁ ଲାଗି ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବିମାନଟି ମଝିରୁ ପୂରା ଦୁଇ ଖଣ୍ଡ ହୋଇଯାଇଛି। ବିମାନରେ ୬ ଜଣ ସଦସ୍ୟ ଥିଲେ। ଏଥିରେ ୫ ଜଣ ପ୍ରାଣ ହରାଇଥିବା ବେଳେ ସହ ପାଇଲଟଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାୟୁସେନାର ବରିଷ୍ଠ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। କେଉଁ ପରିସ୍ଥିତିରେ ବିମାନଟି କ୍ରାଶ କଲା ଓ ଅଗ୍ନିକାଣ୍ଡ ଘଟିଲା, ତା'ର ତଥ୍ୟ ଅଧିକାରୀମାନେ ସଂଗ୍ରହ କରୁଛନ୍ତି।

## ଭିଜିଲାନ୍ସ ହାତରେ ଧରାପଡିଲେ ପୁଲିସ ଏଏସଆଇ

ଛେଣ୍ଡିପଦ, ୧୩।୬(ମହାଭାରତ): ଭିଜିଲାନ୍ସ ଜାଲରେ ପଡିଛନ୍ତି ଜଣେ ମହିଳା ପୋଲିସ। ଅନୁଗୋଳ ଜରପଡା ଥାନାରେ କାର୍ଯ୍ୟରତ ଜଣେ ଏଏସ୍‌ଆଇ ଏକ ମାମଲାର ଚୂଡାନ୍ତ ରିପୋର୍ଟ ଦେବାପାଇଁ ୮୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଏଏସ୍‌ଆଇ ଜଣକ ହେଲେ ସୀତା ନାୟକ । ଜରପଡା ଥାନା ଏଏସଆଇ ସୀତା ନାଏକ ଏକ ମାମଲାର ଫାଇନାଲ ରିପୋର୍ଟ ଦେବା ପାଇଁ ଜଣେ ଅଭିଯୋଗକାରୀଙ୍କ ଠାରୁ ୮ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ବାରମ୍ବାର ଟଙ୍କା ଦେବାକୁ ଚାପ ପକାଇବା ପରେ ଅଭିଯୋଗକାରୀ ଏନେଇ ଭିଜିଲାନ୍ସକୁ ଜଣାଇଥିଲେ । ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ଅଧିକାରୀମାନେ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲେ । ପୂର୍ବ ଯୋଜନା ଅନୁସାରେ ଅଭିଯୋଗକାରୀ ଏଏସଆଇ ସୀତା ନାଏକଙ୍କୁ ୮ ହଜାର ଟଙ୍କା ଦେଉଥିବା ବେଳେ ଚଢ଼ାଉ କରିଥିଲା ଭିଜିଲାନ୍ସ ଟିମ୍ । ଏହାପରେ ଏଏସଆଇ ସୀତା ନାଏକଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲେ। ଘଟଣା ପରେ ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଛି । ସେହିପରି ଅଭିଯୁକ୍ତ ଏଏସଆଇଙ୍କ ସମ୍ପତ୍ତି ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

## ସରଳ ହେଲା ପ୍ରାକ୍-ରେରା ଆପାର୍ଟମେଣ୍ଟ ପଞ୍ଜୀକରଣ

ଭୁବନେଶ୍ୱର, ୧୩।୬(ମହାଭାରତ): ଓଡ଼ିଶାର ଘର କ୍ରେତା, ଜମି ମାଲିକ ଏବଂ ପ୍ରମୋଟରମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାଦ୍ୱାରା ୫ ଅକ୍ଟୋବର, ୨୦୧୬ ରେ ରିଅଲ୍ ଇଷ୍ଟେଟ୍ (ରେଗୁଲେସନ୍ ଆଣ୍ଡ ଡେଭେଲପମେଣ୍ଟ) ଆକ୍ଟ ବା 'ରେରା' ଲାଗୁ ହେବା ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକରେ ଆପାର୍ଟମେଣ୍ଟ ୟୁନିଟ୍ ଗୁଡ଼ିକର ପଞ୍ଜୀକରଣ ସହଜ ହୋଇପାରିବ ।



ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଆପାର୍ଟମେଣ୍ଟ ମାଲିକାନା ଏବଂ ପରିଚାଳନାରେ ଅଧିକ ସ୍ୱଚ୍ଛତା ଓ ଦକ୍ଷତା ଆଣିବା ପାଇଁ ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଏବଂ ପରିଚାଳନା) ଅଧିନିୟମ, ୨୦୨୩ ପ୍ରଣୟନ କରାଯାଇଥିଲା।

ତଥାପି, ପ୍ରାକ୍-ରେରା ପ୍ରକଳ୍ପଗୁଡ଼ିକରେ ବହୁ ସଂଖ୍ୟକ ଆପାର୍ଟମେଣ୍ଟ କ୍ରେତା ହସ୍ତାନ୍ତର ଦଲିଲ ପଞ୍ଜୀକରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯଦିଓ ୩ ଡିସେମ୍ବର, ୨୦୨୫ ରେ ଜାରି ହୋଇଥିବା ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ବ୍ୟକ୍ତିଗତ ଆଲଟିମାନଙ୍କୁ ଆଶ୍ୱସ୍ତି ଦେଇଥିଲା, କିନ୍ତୁ ପ୍ରମୋଟର ଏବଂ ଜମି ମାଲିକଙ୍କ ପାଖରେ ରହିଯାଇଥିବା ଆପାର୍ଟମେଣ୍ଟଗୁଡ଼ିକ ଏହାର ପରିସରଭୁକ୍ତ ହୋଇନଥିଲା ।

ଏହି ସମସ୍ୟାର ସମାଧାନ ପାଇଁ ସରକାର 'ଓଡ଼ିଶା ଆପାର୍ଟମେଣ୍ଟ ଆକ୍ଟ, ୨୦୨୩' ର ଧାରା ୩୫ ଅନ୍ତର୍ଗତ ତାଙ୍କ କ୍ଷମତାର ପ୍ରୟୋଗ କରିଛନ୍ତି ଏବଂ ଯୋଗ୍ୟ ପ୍ରକଳ୍ପଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ଛାଡ଼ ବ୍ୟବସ୍ଥା ଆରମ୍ଭ କରିଛନ୍ତି, ଯାହାଫଳରେ ଏଭଳି ଆପାର୍ଟମେଣ୍ଟଗୁଡ଼ିକର ପଞ୍ଜୀକରଣ ସମ୍ଭବ ହେବ ଏବଂ ଦୀର୍ଘ ଦିନରୁ ପଡ଼ି ରହିଥିବା ପୁରୁଣା ମାମଲାଗୁଡ଼ିକର ସମାଧାନ ହୋଇପାରିବ। ନିର୍ଦ୍ଦେଶନାମା ଅନୁଯାୟୀ, ଏହି କୋହଳ ବ୍ୟବସ୍ଥା କେବଳ ୫ ଅକ୍ଟୋବର, ୨୦୧୬ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକର ଆପାର୍ଟମେଣ୍ଟ ପାଇଁ ଲାଗୁ ହେବ।

ଏହି ସୁବିଧା କେବଳ ସେହି କ୍ଷେତ୍ରରେ ଉପଲବ୍ଧ ହେବ ଯେଉଁଠାରେ ପ୍ରକଳ୍ପର ଅତିକମରେ ୫୦ ପ୍ରତିଶତ ଆପାର୍ଟମେଣ୍ଟ ୟୁନିଟ୍ ରେରା କଟ୍-ଅଫ୍ ତାରିଖ କିମ୍ବା ତା' ପୂର୍ବରୁ ପଞ୍ଜୀକୃତ ବିକ୍ରୟ ଦଲିଲ ମାଧ୍ୟମରେ ହସ୍ତାନ୍ତର କରାଯାଇ ସାରିଥିବ। ଏହା ବ୍ୟତୀତ, ପଞ୍ଜୀକରଣ ପାଇଁ ପ୍ରସ୍ତାବିତ ଆପାର୍ଟମେଣ୍ଟଟି ଓଡ଼ିଶା ବିକାଶ କର୍ତ୍ତୃପକ୍ଷ ଅଧିନିୟମ, ୧୯୮୨ କିମ୍ବା ଓଡ଼ିଶା ସହର ଯୋଜନା ଏବଂ ଉନ୍ନୟନ ଟ୍ରଷ୍ଟ ଅଧିନିୟମ, ୧୯୫୬ ଅଧୀନରେ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଅନୁମୋଦିତ ବିଲ୍ଡିଂ ପ୍ଲାନର ଅଂଶ ବିଶେଷ ହୋଇଥିବା ଆବଶ୍ୟକ।

ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ କ୍ରେତାମାନଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ, ପ୍ରମୋଟର କିମ୍ବା ଜମି ମାଲିକମାନଙ୍କୁ ପ୍ରକଳ୍ପ ପରିସର ମଧ୍ୟରେ ଅନୁମୋଦିତ ବିଲ୍ଡିଂ ପ୍ଲାନକୁ ସ୍ପଷ୍ଟ ଭାବରେ ପ୍ରଦର୍ଶିତ କରିବାକୁ ହେବ । ଅବଶିଷ୍ଟ ବିକ୍ରି ହୋଇନଥିବା ଆପାର୍ଟମେଣ୍ଟର ପ୍ରଥମ ବିକ୍ରୟ ଦଲିଲ ପଞ୍ଜୀକରଣ ପୂର୍ବରୁ, ଆଲଟି ଆସୋସିଏସନ ଠାରୁ ଏକ ଅନାପତ୍ତି ପ୍ରମାଣପତ୍ର ହାସଲ କରିବାକୁ ହେବ, ଯାହା ପ୍ରମାଣିତ କରିବ ଯେ ଅନୁମୋଦିତ ପ୍ଲାନରେ ଥିବା ଆପାର୍ଟମେଣ୍ଟ ନମ୍ବର ସଠିକ୍ ଅଛି। ପଞ୍ଜୀକରଣ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ସମସ୍ତ ଯୋଗ୍ୟତା ସର୍ତ୍ତ ପୂରଣ କରୁଥିବା ନେଇ ଏକ ଅଣ୍ଡରଟେକିଂ ମଧ୍ୟ ଦାଖଲ କରିବାକୁ ହେବ।

# ୬୬୫୦ କୋଟିର ଆଇପିଓ ଆଣିବ ପ୍ରିଜମ୍, ସେବି ଦେଲା ମଞ୍ଜୁରି

ଭୁବନେଶ୍ୱର, ୧୩।୬(ମହାଭାରତ):: ହସ୍ପିଟାଲିଟି ଟେକ୍ନୋଲୋଜି ଫାର୍ମ ଓୟୋର ପ୍ୟାରେଣ୍ଟ କମ୍ପାନି ପ୍ରିଜମ୍ ଏହାର ପ୍ରସ୍ତାବିତ ଇନିସିଆଲ୍ ପବ୍ଲିକ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ଠାରୁ ଅନୁମୋଦନ ହାସଲ କରିଥିବା ଜଣାପଡିଛି। କମ୍ପାନି ଡିସେମ୍ବର ୨୦୨୫ରେ ସେବି ନିକଟରେ ଡ୍ରାଫ୍ଟ ରେଡ ହେରିଙ୍ଗ ପ୍ରସ୍‌ପେକ୍ଟସ (ଡିଆରଏଚ୍‌ପି) ଦାଖଲ କରିଥିଲା। ଗତବର୍ଷ ଡିସେମ୍ବର ୨୦ରେ ଆୟୋଜିତ ଏକ ସାଧାରଣ ବୈଠକରେ ଅଂଶଧାରକଙ୍କ ମଞ୍ଜୁରି ମିଳିବା ପରେ ଏହି ଫାଇଲିଂ କରାଯାଇଥିଲା। ଏହି ଆଇପିଓ ମାଧ୍ୟମରେ ୬୬୫୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ହାସଲ ଲକ୍ଷ୍ୟ ରଖାଯାଇଛି।

ପ୍ରିଜମ୍‌ର ଜେନେରାଲ କାଉନ୍‌ସିଲ୍ ଓ ବରଗଡ ନିବାସୀ ରାକେଶ ପୃଷ୍ଟି ସେବିର ଅନୁମୋଦନ ହାସଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।ପ୍ରିଜମ୍ ଭାରତ, ୟୁଏସ ଓ ୟୁରୋପରେ ନିଜର ଉପସ୍ଥିତି ବିସ୍ତାର କରିଥିବାରୁ ଏହି ମଞ୍ଜୁରି ମିଳିପାରିଛି। ବିଗତ ବର୍ଷଗୁଡିକରେ କମ୍ପାନି ସଣ୍ଡେ ହୋଟେଲ୍ସ ଓ ପ୍ୟାଲେଟ ହୋଟେଲ୍ସ ସମେତ ସ୍ୱ-ପରିଚାଳିତ ହୋଟେଲ ଓ ପ୍ରିମିୟମ ହସ୍ପିଟାଲିଟି ବ୍ରାଣ୍ଡଗୁଡିକ ଉପରେ ଧ୍ୟାନ ବୃଦ୍ଧି କରିଛି। ଏହା ଡ୍ୟାନସେଣ୍ଟର ମାଧ୍ୟମରେ ଭାରତର ଭ୍ୟାକେସନ ରେଣ୍ଟାଲ ସେଗମେଣ୍ଟରେ ପ୍ରବେଶ କରିଛି ଏବଂ ଧାର୍ମିକ ଗନ୍ତବ୍ୟସ୍ଥଳୀଗୁଡିକରେ ନିଜର ଉପସ୍ଥିତି ବିସ୍ତାର କରିଛି।

ପରବର୍ତ୍ତୀ ପଦକ୍ଷେପ ଭାବେ କମ୍ପାନି ଆସନ୍ତା ଜୁଲାଇ ମାସ ଆରମ୍ଭରେ ଏକ ପବ୍ଲିକ ଅପ୍‌ଡେଟେଡ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସ୍ପେକ୍ଟସ (ୟୁଡିଆରଏଚ୍‌ପି-୧) ଦାଖଲ କରିବାର ସମ୍ଭାବନା ରହିଛି ଯାହା ୨୧ ଦିନ ପାଇଁ ସାର୍ବଜନୀନ ମତାମତ ପାଇଁ ଖୋଲା ରହିବ ବୋଲି ଏଥିସହ ଜଡିତ ବ୍ୟକ୍ତିଙ୍କ ସୂତ୍ରରୁ ସୂଚନା ମିଳିଛି।

## ଧୀରଜ ସେଠ୍ ଦେଶର ପରବର୍ତ୍ତୀ ସ୍ଥଳ ସେନା ମୁଖ୍ୟ

ନୂଆଦିଲ୍ଲୀ, ୧୩।୬(ମହାଭାରତ): ଦେଶର ପରବର୍ତ୍ତୀ ସ୍ଥଳ ସେନା ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ତି ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍। ସରକାର ତାଙ୍କୁ ଦେଶର ସ୍ଥଳ ସେନା ମୁଖ୍ୟ ଭାବେ ନିଯୁକ୍ତ କରିଥିବା ବେଳେ ଆସନ୍ତା ଜୁନ ୩୦ରେ ସେ ଦାୟିତ୍ୱ ଗ୍ରହଣ କରିବେ। ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠ୍ ଏବେ ସ୍ଥଳ ସେନାର ଉପ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଚଳିତ ବର୍ଷ ଏପ୍ରିଲ ମାସରେ ତାଙ୍କୁ ଏହି ଦାୟିତ୍ୱ ମିଳିଥିଲା। ଏବେ ସ୍ଥଳ ସେନା ମୁଖ୍ୟ ଭାବେ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କାର୍ଯ୍ୟ କରୁଛନ୍ତି। ଜୁନ ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ଏହାପରେ ଲେଫ୍ଟନାଣ୍ଟ ଜେନେରାଲ ସେଠ୍ ସ୍ଥଳ ସେନା ମୁଖ୍ୟ ହେବେ। ପ୍ରତିରକ୍ଷା ମନ୍ତ୍ରଣାଳୟର ଗୋଟିଏ ବିବୃତିରେ କୁହାଯାଇଛି ଯେ "ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଲେଫ୍ଟନାଣ୍ଟ ଜେନେରାଲ୍ ଧୀରଜ ସେଠ୍‌ଙ୍କୁ ୩୦ ଜୁନ୍ ୨୦୨୬ ଠାରୁ ଜେନେରାଲ୍ ପାହ୍ୟା ସହ ଭାରତୀୟ ସେନାର ପରବର୍ତ୍ତୀ ସେନା ପ୍ରମୁଖ ଭାବେ ନିଯୁକ୍ତ କରାଯାଇଛି।

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୩।୬(ମହାଭାରତ): ଭାରତର ମାନ୍ୟବର ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସନ୍ତା ଜୁନ୍ ୧୯ ତାରିଖରେ ରାଇରଙ୍ଗପୁରରେ ପହଁଚିବେ । ଏହାର ପରଦିନ ଜୁନ୍ ୨୦ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରେ ପହଁଚିବେ । ମାନ୍ୟବର ରାଷ୍ଟ୍ରପତି ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ଉଭୟ ଜୁନ ୨୦ରେ ଓଡ଼ିଶା ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ରାଇରଙ୍ଗପୁରସ୍ଥିତ ଦାଣ୍ଡବୋଷଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଉଦଘାଟନ ଓ ଭିତ୍ତିଭୂମି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏକ ସାଧାରଣ ସଭାରେ ଜନସାଧାରଣଙ୍କୁ ଉଦବୋଧନ ଦେବେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଯୋଗଦେବେ । ସାଧାରଣ ସଭା ପୂର୍ବରୁ ମାନ୍ୟବର ରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀ ମଧ୍ୟ ରାଇରଙ୍ଗପୁର ସ୍ଥିତ ପାହାଡ଼ପୁର ଯାଇ ସେଠାରେ ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦାନ ସହ ଏକ ପ୍ରଦର୍ଶନୀ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।



ରାଷ୍ଟ୍ରପତି ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଆଜି ପୂର୍ବାହ୍ଣରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷ ଠାରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗସ୍ତ କାର୍ଯ୍ୟକ୍ରମର ସୁଚାରୁ ରୂପେ ପରିଚାଳନା ଏବଂ ସମସ୍ତଅନୁଷ୍ଠିତ ଓଡ଼ିଶା ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେରାଇରଙ୍ଗପୁର ଠାରେ ଜୁନ୍ ୨୦ ରେବିଭିନ୍ନ କାର୍ଯ୍ୟକ୍ରମ ଓ ସାଧାରଣ ସଭାରେ ଯୋଗଦେବେ ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଗସ୍ତ କାର୍ଯ୍ୟକ୍ରମର ପ୍ରସ୍ତୁତି ନେଇ ମୁଖ୍ୟ ଶାସନ ସଚିବଙ୍କ ବିସ୍ତୃତ ସମୀକ୍ଷା ବ୍ୟବସ୍ଥାର ସଠିକ୍ କାର୍ଯ୍ୟାନ୍ୱୟନ ନେଇ ବୈଠକରେ ମୁଖ୍ୟ ଶାସନ ସଚିବ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି ।

ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଗୃହ,ଶିକ୍ଷା, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ଅଗ୍ନିଶମ ସେବା,ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମେତ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ, ଦୂରଦର୍ଶନ, ଟେଲିକମ୍ ସେବା ଆଦି ସଂପୃକ୍ତ ସଂସ୍ଥାର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ, ମୟୂରଭଂଜ, ପୂର୍ବାଞ୍ଚଳ ପୁଲିସ୍ ଆଇଜି, ଆରକ୍ଷୀ ଅଧିକ୍ଷକ, ମୟୂରଭଂଜ ପ୍ରମୁଖ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଭାସୀ ମାଧ୍ୟମରେ ବୈଠକରେଯୋଗଦେଇଥିଲେ ।ବୈଠକରେ ମାନ୍ୟବର ରାଷ୍ଟ୍ରପତି ଓ ମାନ୍ୟବର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା, ପ୍ରୋଟୋକଲ, କାର୍‌କେଡ୍ ପରିଚାଳନା, ହେଲିପ୍ୟାଡ୍ ପ୍ରସ୍ତୁତି, ଆୟୋଜିତ ସମସ୍ତ କାର୍ଯ୍ୟକ୍ରମର ସମନ୍ୱୟ, ବିମାନବନ୍ଦରେ ଆନୁଷଙ୍ଗିକ ବ୍ୟବସ୍ଥା, ଅତିଥିମାନଙ୍କ ସାମୟିକ ରହଣି, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ, ଆବଶ୍ୟକ ସଡ଼କ ମରାମତି, ପରିମଳ ବ୍ୟବସ୍ଥା, ଟେଲି ଯୋଗାଯୋଗ,ଗଣମାଧ୍ୟମ ପରିଚାଳନା ଆଦି ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବେ ଶ୍ରୀ ରାଧା କିଶନ ଶର୍ମା ପ୍ରାରମ୍ଭିକ ପ୍ରସ୍ତୁତି ସଂପର୍କରେ ଉପସ୍ଥାପନ କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ସମ୍ପୃକ୍ତ ବିଭାଗ ଏବଂ ଜିଲ୍ଲା ପ୍ରଶାସନକୁ ପରସ୍ପର ସମନ୍ୱୟ ରକ୍ଷା କରି ନିୟମିତ ତଦାରଖ କରିବା ସହ ସମୟସୀମା ମଧ୍ୟରେ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗସ୍ତ କାର୍ଯ୍ୟକ୍ରମର ପ୍ରତ୍ୟେକ ପର୍ଯ୍ୟାୟରେ ସର୍ବୋଚ୍ଚମାନର ସୁରକ୍ଷା, ପ୍ରୋଟୋକଲ ବ୍ୟବସ୍ଥା ସହ ଆନୁଷଙ୍ଗିକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ସେ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି।


15001/67/2627



ରଜ ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଓଡ଼ିଆ ସଂସ୍କୃତିର ଏହି ମହାନ ପର୍ବ ଆମ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି ।

ଆସନ୍ତୁ, ଆମର ଏହି ଗୌରବମୟ ସଂସ୍କୃତିକୁ ବଜାୟ ରଖି ଘରେ ଘରେ ଆନନ୍ଦ ଉଲ୍ଲାସର ସହ ରଜ ପର୍ବ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0067


## ରାତି ପାହିଲେ ରଜ

ଭୁବନେଶ୍ୱର ୧୩।୬(ମହାଭାରତ) ଆଜି ସଜବାଜ, କାଲି ପହିଲି ରଜ। ରଜ ପାଇଁ ଏବେ ସାରା ଓଡ଼ିଶା ଉତ୍ସବମୁଖର। ଘରେ ଘରେ ପିଠାପଣାର ମହକ, ଗାଁ ଗାଁରେ ଦୋଳିର ଝୁଲା ଓ ଯୁବତୀଙ୍କ ହାତରେ ମେହେନ୍ଦିର ରଙ୍ଗ ସବୁଠି ଖାଲି ରଜର ରଙ୍ଗ ଓ ଉତ୍ସାହ ।କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକର ଅଳତି ଓ ବେଲସୁନ୍ଦରୀ ଗାଁରେ ଏବେ ଢିଙ୍କିଶାଳରେ ଜମିଛି ମହିଳାମାନଙ୍କ ଭିଡ଼। କିଏ ଢିଙ୍କି କୁଟୁଛି, ତ କିଏ ଚୂନା ଚଳାଉଛି। ଆରିସା, କାକରା, ମଣ୍ଡା, ପୋଡ଼ପିଠା ଭଳି ପାରମ୍ପରିକ ପିଠା ପ୍ରସ୍ତୁତିରେ ବ୍ୟସ୍ତ ସମସ୍ତେ। କେବଳ ଏହି ଦୁଇ ଗାଁ ନୁହେଁ, ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସାମୂହିକ ଭାବେ ରଜ ପାଳନ ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ସେପଟେ ମୟୂରଭଞ୍ଜର କପ୍ତିପଦା ଉପଖଣ୍ଡରେ ମଧ୍ୟ ରଜର ମହକ ସ୍ପଷ୍ଟ ଭାବେ ଅନୁଭବ ହେଉଛି। ଘରେ ଘରେ ପିଠାପଣା ତିଆରି ସରିଥିବା ବେଳେ ଗାଁ ଗାଁରେ ରଜ ଦୋଳି ମଧ୍ୟ ପ୍ରସ୍ତୁତ ହୋଇଛି।

# ଡିଜି ପାହ୍ୟାକୁ ଦେଶର ୩୩ ଜଣ ବରିଷ୍ଠ ଆଇପିଏସ୍ ମନୋନୀତ

ନୂଆଦିଲ୍ଲୀ, ୧୩।୬(ମହାଭାରତ): କେନ୍ଦ୍ର ସରକାରଙ୍କ ଉଚ୍ଚସ୍ତରୀୟ ନିଯୁକ୍ତି କମିଟି 'ଆପଏଣ୍ଟମେଣ୍ଟସ୍ କମିଟି ଅଫ୍ ଦ କ୍ୟାବିନେଟ୍' (ଏସିସି) ଦେଶର ୩୩ ଜଣ ବରିଷ୍ଠ ଭାରତୀୟ ପୁଲିସ ସେବା ଅଧିକାରୀଙ୍କୁ ଡାଇରେକ୍ଟର ଜେନେରାଲ୍ (ଡିଜି) ଓ ଡିଜି ସମକକ୍ଷ ପଦବୀ ପାଇଁ ତାଲିକାଭୁକ୍ତ କରିଛନ୍ତି।



ଏଥିରେ ଓଡ଼ିଶା କ୍ୟାଡରର ଦୁଇ ଜଣ ବରିଷ୍ଠ ଅଧିକାରୀ ସ୍ଥାନ ପାଇଛନ୍ତି। ଡିଜି ବା ଡିଜି ସମକକ୍ଷ ପଦବୀ ପାଇଁ ତାଲିକାଭୁକ୍ତ ହୋଇଥିବା ଓଡ଼ିଶା କ୍ୟାଡର ଦୁଇ ଅଧିକାରୀ ହେଲେ ୧୯୯୦ ବ୍ୟାଚ୍‌ର ଡଃ ସୁଧାଂଶୁ ଷଡ଼ଙ୍ଗୀ ଏବଂ ୧୯୯୫ ବ୍ୟାଚ୍‌ର ପଦ୍ମାକର ଏସ ରଣପିସେ। ଏହି ଏମ୍ପାନେଲମେଣ୍ଟ ପରେ ଉଭୟ ଅଧିକାରୀ କେନ୍ଦ୍ର ସରକାରଙ୍କ ଅଧୀନରେ ଡିଜି ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ। କେନ୍ଦ୍ରୀୟ ଡେପୁଟେସନ୍ ପାଇଁ ଏହି ଏମ୍ପାନେଲମେଣ୍ଟକୁ ଜଣେ ଆଇପିଏସ୍ ଅଧିକାରୀଙ୍କ କ୍ୟାରିୟରରେ ଏକ ବଡ଼ ମାଇଲଖୁଣ୍ଟ ବୋଲି ଧରାଯାଏ। ଏହା ମାଧ୍ୟମରେ ସିଆରପିଏଫ୍, ବିଏସଏଫ୍, ସିଆଇଏସଏଫ୍, ଆଇଟିବିପି ସମେତ ବିଭିନ୍ନ କେନ୍ଦ୍ରୀୟ ସୁରକ୍ଷା ଓ ଗୁଇନ୍ଦା ସଂସ୍ଥାରେ ଉଚ୍ଚପଦବୀରେ କାର୍ଯ୍ୟ କରିବାର ସୁଯୋଗ ମିଳିଥାଏ। ସୂଚନାଯୋଗ୍ୟ, ଡଃ ସୁଧାଂଶୁ ଷଡ଼ଙ୍ଗୀ ରାଜ୍ୟର ପରବର୍ତ୍ତୀ ପୁଲିସ୍ ମହାନିର୍ଦ୍ଦେଶକ ଦୌଡରେ ମଧ୍ୟ ଅଛନ୍ତି।

## ବ୍ରେଡ କଷ୍ଟାଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଚାମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କରେଇ ବସାଇ ୧ ଲିଟର କ୍ଷୀର ଢାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଚାମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କରେଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।

### ଖବର

## ସଞ୍ଜୟ କପୁରଙ୍କ ଦେହାନ୍ତକୁ ପୂରିଲା ଗୋଟିଏ ବର୍ଷ, ଭାବପ୍ରବଣ ହେଲେ କରିଶ୍ମା କପୁର

ବଲିଉଡର ଚର୍ଚ୍ଚିତ ଅଭିନେତ୍ରୀ କରିଶ୍ମା କପୁର ତାଙ୍କର ଏକ୍ସ ହଜବ୍ୟାଣ୍ଡ ସଞ୍ଜୟ କପୁରଙ୍କ ଦେହାନ୍ତକୁ ଗୋଟିଏ ବର୍ଷ ହୋଇଗଲାଣି। ଏହାରି ମଧ୍ୟରେ ସ୍ୱାମୀଙ୍କୁ ମନେପକାଇ କରିଶ୍ମା ତାଙ୍କ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରିଛନ୍ତି । ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।

ଏହି ପୋଷ୍ଟ ମାଧ୍ୟମରେ ପୂର୍ବତନ ସ୍ୱାମୀ ସଞ୍ଜୟ କପୁରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଭିନେତ୍ରୀ ତାଙ୍କୁ ମନେ ପକାଇ ଭାବପ୍ରବଣ ହୋଇଛନ୍ତି । ପୋଷ୍ଟ ସେୟାର କରିବା ସହିତ ସେ ଲେଖିଛନ୍ତି ଯେ, ସଞ୍ଜୟ ତୁମେ ସବୁବେଳେ ମୋ ହୃଦୟରେ ରହିବ । ଏଥିସହିତ ସେ ସେହି



ତାରିଖକୁ ଉଲ୍ଲେଖ କରିଛନ୍ତି ଏବଂ ଯେଉଁଦିନ ତାଙ୍କ ପିଲାମାନେ ସେମାନଙ୍କ ପିତାଙ୍କୁ ହରାଇଥିଲେ ବୋଲି ଲେଖିଛନ୍ତି । ସଞ୍ଜୟ କପୁରଙ୍କୁ ମନେପକାଇ ହାତ ଯୋଡ଼ା ଏବଂ ଲାଲ୍ ହାର୍ଟ ଇମୋଜି ଦେଇ ନିଜର ଭାବପ୍ରବଣତାକୁ ପ୍ରକାଶ କରିଛନ୍ତି ।

ଏହା ବ୍ୟତୀତ ସଞ୍ଜୟଙ୍କ ୩ୟ ପତ୍ନୀ ପ୍ରିୟା ସଚଦେବ କପୁର ମଧ୍ୟ ସ୍ୱାମୀଙ୍କୁ ମନେପକାଇ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି । ସେ ପୋଷ୍ଟ ସେୟାର କରି ଲେଖିଛନ୍ତି ଯେ, ତୁମେ ଯିବାର ଗୋଟିଏ ବର୍ଷ ବିତି ଗଲାଣି । ତଥାପି ତୁମର ଉପସ୍ଥିତି ଆମକୁ ପ୍ରତିଦିନ ମାର୍ଗଦର୍ଶନ କରେ। ତୁମେ ସମସ୍ତଙ୍କୁ କଠିନ ପରିଶ୍ରମ କରିବାକୁ ଏବଂ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇଛ । ତେଣୁ ତୁମେ ସବୁବେଳେ ଲୋକଙ୍କ ହୃଦୟରେ ରହିବ । ତୁମ ଭଲପାଇବା ସବୁବେଳ ପାଇଁ ମନେ ରହିବ। ତୁମର ଭଲପାଇବା ଆମର ଶକ୍ତି ଓ ତୁମର ସ୍ମୃତି ଆମ ପାଇଁ ଆଶୀର୍ବାଦ ।

୧୨ ଜୁନ୍ ୨୦୨୫ ରେ ସଞ୍ଜୟ କପୁରଙ୍କ ଦେହାନ୍ତ ହୋଇଥିଲା । ଇଂଲଣ୍ଡରେ ପୋଲୋ ଖେଳୁଥିବା ସମୟରେ ତାଙ୍କର ଜୀବନ ଚାଲିଯାଇଥିଲା । ୫୩ ବର୍ଷ ବୟସରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

## କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ

କରମଙ୍ଗା ଦେଖିବାକୁ ତାରା ଭଳିୟ ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ୍ୟ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ୍ୟ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକୟ ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତୟ ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ଜ୍ୱରର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ



ଲଢ଼ିବାରେ ମଧ୍ୟ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକୟ ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ୍ୟ ଅତ୍ୟନ୍ତ ଉପାଦେୟୟ କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

## ଅର୍ଜୁନଙ୍କ ବ୍ୟତୀତ କିଏ ଶୁଣିଥିଲେ ଶ୍ରୀକୃଷ୍ଣଙ୍କ ଗୀତାଜ୍ଞାନ ? ଜାଣନ୍ତୁ

ମହାଭାରତ ଯୁଦ୍ଧ କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ ହୋଇଥିଲା । କିନ୍ତୁ ଭାଇ ଅର୍ଥାତ କୌରବଙ୍କ ବିରୋଦ୍ଧରେ ଅସ୍ତ୍ର ଉଠାଇବାକୁ ରାଜି ନଥିଲେ ଅର୍ଜୁନ । ତାଙ୍କୁ ବୁଝେଇବା ପାଇଁ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ହିଁ ଅର୍ଜୁନଙ୍କୁ ଦେଇଥିଲେ ଗୀତାଜ୍ଞାନ ।କୁରୁକ୍ଷେତ୍ରରେ ଘରିଆଡେ ସେନା ଦ୍ୱାରା ଘେରି ହୋଇଥିଲେ ସମସ୍ତେ ।କିନ୍ତୁ ଗୀତା ଶୁଣାଇବା ସମୟରେ ଶ୍ରୀକୃଷ୍ଣ ସମୟକୁ ରୋକି ଦେଇଥିଲେ ଏବଂ ରଣଭୂମୀରେ ଥିବା ସୈନିକ ସ୍ତବ୍ଧ ହୋଇ ଯାଇଥିଲେ । ସମୟରେ ହିଁ ଗୀତାଜ୍ଞାନ ଅର୍ଜୁନଙ୍କୁ ଦେଇଥିଲେ ଶ୍ରୀକୃଷ୍ଣ ।ସବୁଠାରୁ ବଡ କଥା ହେଉଛି ଗୀତାଜ୍ଞାନ ଦେବା ବେଳେ ସମସ୍ତଙ୍କ ମଧ୍ୟରୁ କିଛି



ଜଣ ହିଁ ଏହାକୁ ଶୁଣିପାରିଥିଲେ। ଗଣତି ଅନୁଯାୟୀ ଅର୍ଜୁନଙ୍କ ବ୍ୟତୀତ କେବଳ ୩ଜଣ ଥିଲେ ଯିଏକି ଶୁଣିପାରିଥିଲେ ଗୀତା ଜ୍ଞାନ ।ଆସନ୍ତୁ ଜାଣିବା ସେମାନେ କିଏ ଥିଲେସବୁଠାରୁ ପ୍ରଥମେ ଥିଲେ ବଜରଙ୍ଗବାଲୀ ହନୁମାନ । କାରଣ ସେ ଅର୍ଜୁନଙ୍କ ରଥରେ ହିଁ ଥିଲେ । ଦ୍ୱିତୀୟରେ ରହିଛନ୍ତି ସଞ୍ଜୟ । ତାଙ୍କ ନାଁ ହେଉଛି ବର୍ବରିକ । ସେ ମଧ୍ୟ ଶ୍ରୀକୃଷ୍ଣଙ୍କ ବରଦାନରୁ ଶୁଣିପାରିଥିଲେ ଗୀତାଜ୍ଞାନ ।

ତ । ଙ୍କ ବେଦବ୍ୟାସଙ୍କ କୃପାରୁ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୋଇଥିଲା । ଏହିକାରଣରୁହିଁ ସେ ମହଲରେ ଥାଇ ମଧ୍ୟ ଶୁଣିପାରିଥିଲେ ଗୀତା ଜ୍ଞାନ ।ତୃତୀୟ ତଥା ଶେଷରେ ଗୀତା ଜ୍ଞାନ ଶୁଣିଥିଲେ ଘଟୋତ୍କୋଚଙ୍କ ପୁଅ ଅର୍ଥାା ଭୀମଙ୍କ ନାତି ।

## ପୋଇ ଶାଗରେ ରହିଛି ଅନେକ ଗୁଣ

### ଦୂର କରିଥାଏ ଆଇରନ୍ ସମସ୍ୟା

ଭାରତରେ ଅନେକ ପ୍ରକାର ଶାଗ ଉପଲବ୍ଧ। ଶାଗ ଆପଣ ନିଜର ଦୈନନ୍ଦିନ ଡାଏଟିରେ ସାମିଲ କରିପାରିବେ। ପୋଇ ମଧ୍ୟ ଏକ ପ୍ରକାର ଶାଗ ଯାହା ଭାରତରେ ମିଳେ। ପୋଇ ଶାଗ ବହୁତ ସ୍ୱାସ୍ଥ୍ୟକର। ଦେଖିବାକୁ ଏହା ପ୍ରାୟ ପାଳଙ୍ଗ ଶାଗ ଭଳି। ପୋଇ ଶାଗକୁ ବିଭିନ୍ନ ତରିକାରେ ରନ୍ଧାଯାଏ। ଏହି ଶାଗ ଶରୀରରେ ଆଇରନର ଅଭାବ ଦୂର କରିଥାଏ। ତାଛଡା ହୃଦୟ ଓ ମସ୍ତିଷ୍କକୁ ମଧ୍ୟ ସୁସ୍ଥ ରଖିଥାଏ। ନିୟମିତ ପୋଇ ଶାଗ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ପୋଇ ଶାଗର ଆହୁରି ଅନେକ ଲାଭ ରହିଛି।

× ପୋଇ ଶାଗ ଫାଇବର ଭଳି ପୋଷାକ ତତ୍ୱରେ ଭରପୁର। ଏହା ଶରୀରରେ ଥିବା ବ୍ୟାଡ୍ କୋଲେଷ୍ଟ୍ରୋଲକୁ କମ କରିଥାଏ ଓ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହା ରକ୍ତ ସଞ୍ଚାଳନରେ ସୁଧାର ଆଣିଥାଏ ଏବଂ ହୃଦୟ ସହ ଜଡିତ ରୋଗର ଆଶଙ୍କା କମ କରିଥାଏ। ଏଥିରେ ପୋଟାସିୟମ ମଧ୍ୟ



ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ।

× ଆଇରନ୍ ବ୍ଲଡ୍ ସେଲର ଉଚିତ ଉତ୍ପାଦନର ଏକ ମହତ୍ୱପୂର୍ଣ୍ଣ ତତ୍ତ୍ୱ। ଆଇରନ୍ ଅଭାବ ଯୋଗୁଁ ହେମୋଗ୍ଲୋବିନ୍ ଉତ୍ପାଦନ ପ୍ରଭାବିତ ହୋଇଥାଏ ଯେଉଁଥିପାଇଁ ଏନିମିଆ ହେବାର ଆଶଙ୍କା ଥାଏ।

× ପୋଇ ଶାଗରେ ମ୍ୟାଗନେସିୟମ୍ ଓ କ୍ୟାଲସିୟମ୍ ଭରପୁର ମାତ୍ରାରେ ରହିଛି। ଏହି ଦୁଇଟି ପୋଷାକ ତତ୍ତ୍ୱ ହାଡ ମଜବୁତ କରିବାରେ ସାହାଯ୍ୟ କରିଥାଏ। ନିୟମିତ ସେବନ ଦ୍ୱାରା ହାଡ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ଏହା ଭିଟାମିନ୍-ସି ର ଏକ ପ୍ରମୁଖ ସ୍ରୋତ ଯେଉଁଥିପାଇଁ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

× ଅନିଦ୍ରା ସମସ୍ୟା ପାଇଁ ମଧ୍ୟ ପୋଇ ଶାଗ ବହୁତ ଲାଭଦାୟକ। ଯଦି ଆପଣଙ୍କୁ ରାତିରେ ନିଦ ହେଉନାହିଁ କିମ୍ବା ଅନିଦ୍ରା ସମସ୍ୟା ରହିଛି ତାହେଲେ ନିୟମିତ ପୋଇ ଶାଗ ସେବନ କରିପାରିବେ। ପୋଇ ଶାଗରେ ମ୍ୟାଗନେସିୟମ ଜିଙ୍କର ଗୁଣ ରହିଛି ଯାହା ନିଦ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ

× ପୋଇ ଶାଗରେ ବହୁ ମାତ୍ରାରେ ଫାଇବର ରହିଛି ଯାହା ପାଚନ ତନ୍ତ୍ରକୁ ମଜବୁତ କରିଥାଏ। ସୁସ୍ଥ ପାଚନ ପ୍ରଣାଳୀ ପାଇଁ ପୋଇ ଶାଗ ସେବନ କରିପାରିବେ। ତାଛଡା ଏହା ପେଟ ଜନିତ ସମସ୍ୟା ମଧ୍ୟ ଦୂର କରିଥାଏ। ଏହା ଓଜନ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

## କ'ଣ ମନି ପ୍ଲାଣ୍ଟ ଗଛ ଲଗାଇଲେ ଘରେ ଝଗଡ଼ା ହୁଏ

ଘରେ ମନି ପ୍ଲାଣ୍ଟ ଗଛ ଲଗାଇଲେ ସକରାତ୍ମକ ଶକ୍ତି ଆସେ, ଧନ ବଢ଼େ ବୋଲି କୁହାଯାଏ। ହଁ ଏହି କଥା ସତ। ମାତ୍ର ଏହି ମନି ପ୍ଲାଣ୍ଟ ଗଛକୁ ଯଦି ଠିକ ସ୍ଥାନରେ ନ ରଖାଯାଏ ତେବେ ଘରେ ଅଶାନ୍ତି



ସୃଷ୍ଟି ହୋଇଥାଏ। ପରସ୍ପର ମଧ୍ୟରେ କଳି ଝଗଡ଼ା ଲାଗି ରହେ। ଘରେ ମନି ପ୍ଲାଣ୍ଟ ଗଛକୁ ଲଗାଇବା ପୂର୍ବରୁ କିଛି କଥା ମନେ ରଖନ୍ତୁ, କେବେ ବି ମନି ପ୍ଲାଣ୍ଟ ଗଛକୁ ବାହାରେ ଲଗାଇବେ ନାହିଁ, ଖରା ଠାରୁ ଗଛକୁ ଦୂରେଇ ରଖନ୍ତୁ, ଗଛର ପତ୍ରକୁ କେବେ ଶୁଖିବାକୁ ଦିଅନ୍ତୁ ନାହିଁ, ସବୁବେଳେ ପାଣି ଦିଅନ୍ତୁ। ଏହା କରିପାରିଲେ ଘରେ ଶାନ୍ତି ବଜାୟ ରହିବ। ବାସ୍ତୁ ଶାସ୍ତ୍ର ଅନୁସାରେ, ମନି ପ୍ଲାଣ୍ଟକୁ କେବଳ ଦକ୍ଷିଣ ପୂର୍ବ ଦିଗରେ ରଖିବେ। ଦକ୍ଷିଣ ପୂର୍ବ ଦିଗରେ ଭଗବାନ ଗଣେଶ ବାସ କରିଥାନ୍ତି। ଫଳରେ ଏହି ସ୍ଥାନରେ ରଖିଲେ ଘରେ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ। ଉତର ପୂର୍ବ ସ୍ଥାନରେ ରଖିଲେ ନକରାତ୍ମକ ଶକ୍ତି ଆସେ। ମନି ପ୍ଲାଣ୍ଟ ଗଛକୁ କେବେ ବି ଘର ବାହାରେ ଲଗାଇବେ ନାହିଁ। ଗଛକୁ ପତ୍ରକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଏଥିରେ ସବୁବେଳେ ପାଣି ଦେବା ଦରକାର। ଯଦି ଗଛର ପତ୍ର ହାଲକା ହଳଦିଆ ଦେଖାଯିବ ତେବେ ଶୀଘ୍ର ବାହାର କରିଦିଅନ୍ତୁ। କୁହାଯାଏ କି, ଗଛର ପତ୍ର ସବୁବେଳେ ଉପର ମୁହାଁ ହୋଇ ବଢ଼ିବା ଦରକାର। ତଳ ମୁହାଁ ତଥା ମାଟିକୁ ଛୁଇଁବା ଭଲ ନୁହେଁ। ସେଥିପାଇଁ ଗଛକୁ ଲଗାଇବା ସମୟରେ ଏକ ବାଡ଼ି ଦେଇ ଗଛକୁ ହାଲୁକା ଭାବେ ବାନ୍ଧି ଦିଅନ୍ତୁ। ଯାହା ଦ୍ୱାରା ଉପର ମୁହାଁ ହୋଇ ବଢ଼ିବ।

# ବିଏମ୍‌ସି ପକ୍ଷରୁ ବିଏଲ୍‌ଏଙ୍କୁ ଏସ୍‌ଆଇଆର୍ ତାଲିମ

ଭୁବନେଶ୍ୱର, ୧୩।୬ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ବୁଥ୍ ଲେବଲ ଏଜେଣ୍ଟ(ବିଏଲ୍‌ଏ) ଓ ସୁପରଭାଇଜରମାନଙ୍କୁ ନେଇ ୩ଟି ପର୍ଯ୍ୟାୟରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୧୧୪ ବିଧାନସଭା ନର୍ବାଚନ ମଣ୍ଡଳି ଅନ୍ତର୍ଗତ ୨୪୮ଟି ବୁଥର ବିଏଲ୍‌ଏ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ୨୪୮ଟି ବୁଥ ପାଇଁ ବିଭିନ୍ନ ରାଜନୈତିକ ଦଳ ଯଥା- ବିଜେପି, ବିଜେଡି ଓ କଂଗ୍ରେସ ଆଦିର ଏଜେଣ୍ଟମାନେ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅର୍ଥାତ୍ ୩ଟି ପର୍ଯ୍ୟାୟରେ ମୋଟ ୭ ଶହରୁ ଅଧିକ ବିଏଲ୍‌ଏଙ୍କୁ ତାଲିମ ଦିଆଯାଇଥିଲା ।

ଦକ୍ଷିଣ-ପଶ୍ଚିମ ଜୋନାଲ କମିଶନର ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଇଆରଓ) ଶ୍ରୀ ରାକେଶ କୁମାର ପାତ୍ର, ବିଏଲ୍‌ଏମାନଙ୍କୁ ତାଲିମ ଦେଇଥିଲେ । ସେମାନେ କିପରି ଫର୍ମ ପ୍ରଦାନ କରିବେ, କିପରି ପୂରଣ କରାଯିବ, ଫର୍ମ ଗ୍ରହଣ କରାଯିବାର ଶେଷ ତାରିଖ, ଯେଉଁମାନେ ବାହାରେ ଅଛନ୍ତି ସେମାନଙ୍କର କିପରି ସଂଶୋଧନ କରାଯିବ, ନୂତନ ଭୋଟରଙ୍କୁ କିପରି ତାଲିକାରେ ସଂଯୋଗ କରାଯିବ, ଦୁଇଟି ସ୍ଥାନରେ ଭୋଟର ତାଲିକାରେ ନାମ ଥିଲେ ଗୋଟିଏଠାରୁ କିପରି କଟିବ ଗୋଟିଏଠାରେ କିପରି ରହିବ ଇତ୍ୟାଦି ସଂପର୍କରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ ।



ପରିଗଣନା ଫର୍ମ ପୂରଣ ଅବଧି ମଇ ୩୦ ତାରିଖରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ରହିଛି । ଏହା ପରେ ଚିଠା ଭୋଟର ତାଲିକା ଜୁନ୍ ୫ ତାରିଖରେ ପ୍ରକାଶ ପାଇବ । ଏହା ପରେ ଯଦି କୌଣସି ଭୋଟରଙ୍କର କିଛି ଦାବି ଆପତ୍ତି ଥାଏ, ତାହା ସେମାନେ ଜୁନ୍ ୫ ତାରିଖରୁ ଅଗଷ୍ଟ ୭ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଯେଉଁମାନେ କୌଣସି ଦାବି ଆପତ୍ତି କରିଥିବେ, ସେମାନଙ୍କୁ ନୋଟିସ ଦେବା ଏବଂ ସେମାନଙ୍କ ଅଭିଯୋଗ ଶୁଣାଣି ଜୁନ୍ ୫ ତାରିଖରୁ ସେପଟ୍ମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଚୂଡ଼ାନ୍ତ ଭୋଟର ତାଲିକା ସେପଟ୍ମ୍ବର ୯ ତାରିଖରେ ପ୍ରକାଶ ପାଇବ ବୋଲି କୁହାଯାଇଛି ।

ଏହି ଅବସରରେ କିଛି ସମୟ ପାଇଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଚାଲିଥିଲା । ବିଭିନ୍ନ ରାଜନୈତିକ ଦଳ ବିଏଲଏମାନେ ବିଭିନ୍ନ ପ୍ରଶ୍ନ କରିଥିଲେ । ତାର ଯଥାଯଥ ତଥା ଆଇନ ସମ୍ମତ ଉତ୍ତର ଇଆରଓ ଦେଇଥିଲେ । ନିୟମ ଅନୁଯାୟୀ କଣ କଣ କରିବାକୁ ହେବ ସେ ସଂପର୍କରେ ଅବଗତ କରାଇଥିଲେ।

ଜୁନ୍ ୨୮ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ଭୋଟରଙ୍କୁ ଫର୍ମ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଛି । କାରଣ ୨୮ ତାରିଖ ସୁଦ୍ଧା ପ୍ରତ୍ୟେକ ଯୋଗ୍ୟ ଭୋଟର ଫର୍ମ ପୂରଣ କରି ନଦେଲେ, ସେମାନଙ୍କରନାମ ଚିଠା ଭୋଟର ତାଲିକାରେ ପ୍ରକାଶ ପାଇବ ନାହିଁ । ତେଣୁ ସେଥିପ୍ରତି ସମସ୍ତ ରାଜନୈତିକ ଦଳର ବୁଥ୍ ଲେଭଲ ଏଜେଣ୍ଟେ ଗୁରୁତ୍ୱର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣା । ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ସମସ୍ତେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦିଆଯାଇଛି । କାରଣ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା କାର୍ଯ୍ୟ କରିବା କଷ୍ଟକର । ଅପରପକ୍ଷେ ଇଆରଓ, ଏଇଆରଓ, ବିଏଲଓ, ବିଏଲ୍‌ଏ ସର୍ବୋପରି ସାଧାରଣ ନାଗରିକ, ସମସ୍ତେ ଆନ୍ତରିକତାର ସହ କାର୍ଯ୍ୟକଲେ, ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସଫଳ ହେବ ବୋଲି କହିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ।

# ମହେନ୍ଦ୍ରଗିରି ମେଳାରେ ଯୋଗଦେଲେ ରାଜ୍ୟପାଳ



ଭୁବନେଶ୍ୱର, ୧୩।୬ (ମହାଭାରତ): ରାଜ୍ୟପାଳ ଡଃ ହରି ବାବୁ କମ୍ଭମପାଟି ଗଜପତି ଜିଲ୍ଲାର ଜିରାଙ୍ଗସ୍ଥିତ ଶାନ୍ତ ପରିବେଶରେ ଅବସ୍ଥିତ ବୌଦ୍ଧ ମଠ ପରିଦର୍ଶନ କରି ଭଗବାନ ବୁଦ୍ଧଙ୍କୁ ପ୍ରାର୍ଥନା କରି ବିଶ୍ୱଶାନ୍ତି, ସମୃଦ୍ଧି ଏବଂ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି। ଏହି ଅବସରରେ ମଠର ସାଧୁସନ୍ଥ ଓ ସ୍ଥାନୀୟ ବାସିନ୍ଦାମାନେ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ପରିଦର୍ଶନ ସମୟରେ ରାଜ୍ୟପାଳ ମଠ ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ମତାମତ ଓ ସମସ୍ୟା ଶୁଣିଥିଲେ। ଭିଏତନାମରୁ ଭଗବାନ ବୁଦ୍ଧଙ୍କ ପବିତ୍ର ଅସ୍ଥି ଭାରତକୁ ଆଣିବାରେ ନିଜର ଭୂମିକାକୁ ସ୍ମରଣ କରାଇ ରାଜ୍ୟପାଳ କହିଥିଲେ ଯେ, ଏହି ପରିଦର୍ଶନ ତାଙ୍କ ପାଇଁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ମଠର ସାଧୁସନ୍ଥଙ୍କର ଭକ୍ତି, କରୁଣା, ସମ୍ପ୍ରୀତି ଓ ଆଧ୍ୟାତ୍ମିକ ଜ୍ଞାନର ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।ଶାନ୍ତି, ସାଂସ୍କୃତିକ ବୁଝାମଣା ଏବଂ ଭଗବାନ ବୁଦ୍ଧଙ୍କ ଉପଦେଶ ପ୍ରଚାର ଓ ସଂରକ୍ଷଣରେ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଭବିଷ୍ୟତ ପିଢ଼ି ପାଇଁ ବୁଦ୍ଧଙ୍କ ଉପଦେଶକୁ ଜୀବନ୍ତ ରଖିବାରେ ମଠର ସାଧୁସନ୍ଥଙ୍କ ଉତ୍ସର୍ଗ ପ୍ରେରଣାଦାୟକ। ରାଜ୍ୟପାଳ ଗଜପତି ଜିଲ୍ଲାର ପବିତ୍ର ମହେନ୍ଦ୍ରଗିରି ପର୍ବତଠାରେ ଆୟୋଜିତ ମହେନ୍ଦ୍ରଗିରି ମେଳାର ମହାଯଜ୍ଞରେ ଯୋଗ ଦେଇଥିଲେ ଏବଂ ଐତିହାସିକ କୁନ୍ତୀ ମନ୍ଦିରରେ ପ୍ରାର୍ଥନା କରିଥିଲେ। ମହେନ୍ଦ୍ରଗିରିକୁ ଓଡ଼ିଶାର ସ୍ଥାୟୀ ଆଧ୍ୟାତ୍ମିକ ଉତରାଧିକାରର ପ୍ରତୀକ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହି ପର୍ବତ ପିଢ଼ି ପରେ ପିଢ଼ି ଧର୍ମ, ଭକ୍ତି ଏବଂ ଐକ୍ୟକୁ ପ୍ରୋତ୍ସାହିତ କରୁଛି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ବିଭାଗର ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ।

# ଶହୀଦ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୩।୬ (ମହାଭାରତ): ଭାରତର ସ୍ୱାଧୀନତା ସଂଗ୍ରାମ ତଥା ଜନଜାତି ସମାଜର ଅଧିକାର ସୁରକ୍ଷା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ମହାନ ବିପ୍ଳବୀ ବିର୍ସା ମୁଣ୍ଡାଙ୍କୁ ତାଙ୍କ ଶ୍ରାଦ୍ଧଦିବସ ଅବସରରେ ଆଜି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଛି । ଜନଜାତି ସମାଜର ସ୍ୱାଭିମାନ, ଆତ୍ମସମ୍ମାନ ଓ ଅଧିକାର ପାଇଁ ତାଙ୍କର ସଂଗ୍ରାମ ଏବଂ ତ୍ୟାଗମୟ ଜୀବନ ଆଜି ମଧ୍ୟ ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି । ମାତ୍ର ୨୫ ବର୍ଷ ବୟସରେ ସେ ଦେଶ ପାଇଁ ଶହୀଦ ହୋଇଥିଲେ । ତାଙ୍କର ତ୍ୟାଗ, ସଂଗ୍ରାମ ଓ ଜନଜାତି ସମାଜର ଅଧିକାର ପାଇଁ ଲଢ଼େଇ ତାଙ୍କୁ ଭାରତୀୟ ଇତିହାସର ଜଣେ ଅମର ବିପ୍ଳବୀ ଭାବେ ପ୍ରତିଷ୍ଠିତ କରିଛି । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ଶହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ, ବିଧାୟକ ଶ୍ରୀ ବାବୁ ସିଂ, ବିଧାନସଭା ସଚିବ ଶ୍ରୀ ସତ୍ୟବ୍ରତ ରାଉତ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ମହାନ ବିପ୍ଳବୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହାସହ ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନର ପ୍ରତିନିଧି, ବୁଦ୍ଧିଜୀବୀ ଏବଂ ସାଧାରଣ ଜନତା ଯୋଗଦେଇ ଶହୀଦ ବିର୍ସା ମୁଣ୍ଡାଙ୍କ ଅମର ସ୍ମୃତିଚାରଣ କରିଥିଲେ ।

# ପାନୀୟ ଜଳ ଯୋଗାଣ ଭିତିଭୂମିର ସମୀକ୍ଷା କରିଲେ ପଂଚାୟତିରାଜ ମନ୍ତ୍ରୀ

ଭୁବନେଶ୍ୱର, ୧୩।୬ (ମହାଭାରତ): ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମୀଣ ଉନ୍ନୟନ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ରାଜ୍ୟର ବିଭିନ୍ନ ମେଗା ପାଇପ୍ଡ଼ ୱାଟର ସପ୍ଲାଏ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଗ୍ରାମାଂଚଳର ପ୍ରତ୍ୟେକ ପରିବାରକୁ ନିରବଚ୍ଛିନ୍ନ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲକ୍ଷ୍ୟରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି, ଭୌତିକ ପ୍ରଗତି ଓ ସମୟସୀମା ପାଳନ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ସମୀକ୍ଷାରେ ସୂଚନା ଦିଆଯାଇଥିଲା ଯେ, ରାଜ୍ୟରେ ୩୬ଟି ମେଗା ପାଇପ୍ଡ଼ ୱାଟର ସପ୍ଲାଏ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ସେହିପରି ଅନ୍ୟ ୫୦ଟି ପ୍ରକଳ୍ପରେ ଇଂଟେକ୍ ଓ ୱାଟର ଟ୍ରିଟମେଂଟ ପ୍ଲାଂଟ ସମ୍ବନ୍ଧୀୟ କାର୍ଯ୍ୟ ଶେଷ ହୋଇଛି। ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ ଦ୍ରୁତ ଗତିରେ ସମାପ୍ତ କରି ଲୋକଙ୍କୁ ଶୀଘ୍ର ପାନୀୟ ଜଳ ସେବା ଉପଲବ୍ଧ କରିବା ପାଇଁ ସମସ୍ତ ଆରଡବ୍ଲୁଏସଏସ୍ ଡିଭିଜନ ଓ କାର୍ଯ୍ୟନିର୍ବାହୀ ଏଜେନ୍ସିମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ପ୍ରକଳ୍ପ ମାର୍ଚ୍ଚ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ହେବ। ନିର୍ଦ୍ଧାରିତ ସମୟସୀମା ପାଳନରେ ବିଫଳ ହେଉଥିବା ଏଜେନ୍ସିଙ୍କ ବିରୋଧରେ ଜରିମାନା ଆଦାୟ ସହ ବ୍ଲାକଲିଷ୍ଟ କରିବା ଭଳି କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ପ୍ରକଳ୍ପଗୁଡ଼ିକରେ ପର୍ଯ୍ୟାପ୍ତ ଜନଶକ୍ତି ନିୟୋଜନ, ନିୟମିତ ତଦାରଖ ଓ ଗୁଣାତ୍ମକ କାର୍ଯ୍ୟ ସୁନିଶ୍ଚିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ସଚିବ ଗିରିଶ ଏସ୍.ଏନ୍., ପାନୀୟ ଜଳ ନିର୍ଦ୍ଦେଶକ ଶ୍ରୀ ବିନୀତ ଭରଦ୍ୱାଜ, ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ସିଆଳ, ବିଭିନ୍ନ ଆରଡବ୍ଲୁଏସଏସ୍ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଏବଂ ମେଗା ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଏଜେନ୍ସିମାନଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକ ପାଇଁ ୭୫୫ଟି ନୂତନ ପଦବୀ ମଞ୍ଜୁର

ଭୁବନେଶ୍ୱର, ୧୩।୬ (ମହାଭାରତ): ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜ ଓ ଚିକିତ୍ସା ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନ ଓ ରୋଗୀସେବାକୁ ସୁଦୃଢ଼ କରିବା ପାଇଁ ମୋଟ ୭୫୫ଟି ନୂତନ ପଦବୀ ମଞ୍ଜୁର କରାଯାଇଛି। ଏହି ନିଷ୍ପତି କେବଳ ନୂତନ ପଦବୀ ସୃଷ୍ଟିରେ ସୀମିତ ନୁହେଁ; ବରଂ ରାଜ୍ୟରେ ଚିକିତ୍ସା ଶିକ୍ଷାର ଗୁଣବତା ବୃଦ୍ଧି, ଦକ୍ଷ ଡାକ୍ତର ସୃଷ୍ଟି ଏବଂ ରୋଗୀଙ୍କୁ ଅଧିକ ଉନ୍ନତ ଓ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇବା ଦିଗରେ ଏକ ଦୂରଦର୍ଶୀ ପଦକ୍ଷେପ । ମଞ୍ଜୁର ହୋଇଥିବା ପଦବୀଗୁଡ଼ିକ ମଧ୍ୟରେ ୭ଟି ପ୍ରଫେସର, ୩୫ଟି ଆସୋସିଏଟ ପ୍ରଫେସର, ୫୦ଟି ଆସିଷ୍ଟାଂଟ ପ୍ରଫେସର, ୨୯ଟି ଟ୍ୟୁଟର, ୨୪୮ଟି ସିନିୟର ରେସିଡେଂଟ, ୧୯୦ଟି ଜୁନିୟର ରେସିଡେଂଟ (ଏମ୍‌ବିବିଏସ୍), ୧୧୨ଟି କାଜୁଆଲଟି ମେଡିକାଲ



ଅଫିସର (ସିଏମ୍ଓ) ଏବଂ ୮୪ଟି ବ୍ଲଡ୍ ବ୍ୟାଙ୍କ ଅଫିସର (ବିବିଓ) ପଦବୀ ରହିଛି। ଏହି ପଦବୀଗୁଡ଼ିକ ପୂରଣ ହେବା ପରେ ମେଡିକାଲ କଲେଜଗୁଡ଼ିକରେ ଶିକ୍ଷକ ଏବଂ ଚିକିତ୍ସକଙ୍କ ଉପଲବ୍ଧତା ବୃଦ୍ଧି ପାଇବ, ଯାହା ଚିକିତ୍ସା ଶିକ୍ଷା ଓ ରୋଗୀସେବା ଉଭୟ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଇବ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସୁଛନ୍ତି। ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ଚିକିତ୍ସା ଶିକ୍ଷାର ଭିତିଭୂମିକୁ ଆହୁରି ମଜବୁତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ୭୫୫ଟି ପଦବୀ ମଞ୍ଜୁର ହେବା ଫଳରେ ମେଡିକାଲ କଲେଜଗୁଡ଼ିକରେ ଆବଶ୍ୟକ ମାନବ ସମ୍ବଳ ବୃଦ୍ଧି ପାଇବ ଏବଂ ରୋଗୀମାନେ ଅଧିକ ଉନ୍ନତ ଚିକିତ୍ସାସେବାର ସୁବିଧା ପାଇପାରିବେ। ବିଗତ ଦିନରେ ତିନିଟି ନୂତନ ମେଡିକାଲ କଲେଜରେ ଦୁଇ ଶହ ପଚାଶ ଏମବିବିଏସ ସିଟରେ ପାଠ ପଢ଼ା ବଢ଼ିଛି । ସେହିପରି ସମ୍ପ୍ରତି ପିଜି ସିଟ ବଢ଼ି ୬୮ କୁ ପହଁଚିଛି । ଫଳରେ ପ୍ରଫେସର ଏବଂ ଅନ୍ୟାନ୍ୟ ପଦବୀ ମଞ୍ଜୁର ଆବଶ୍ୟକ ଥିଲା।

# ବିଏମ୍‌ସିକୁ ସହାୟତା ପାଇଁ ହାତ ବଢାଇଲେ ଆର୍‌ଡବ୍ଲ୍ୟୁଏ

ଭୁବନେଶ୍ୱର, ୧୩।୬ (ମହାଭାରତ): ସାମିଲ ହେଲେ ୨୦୦ ଆବାସିକ ସଂଗଠନର କର୍ମକର୍ତା ସଂପ୍ରତି ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସହାୟତା କରିବା ପାଇଁ ହାତ ବଢାଇଲେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ଅଂଚଳରେ ଥିବା ରେସିଡେନସିଆଲ ୱେଲଫେୟାର ଆସୋସିଏସନ(ଆର୍ ଡବ୍ଲ୍ୟୁଏ) । ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବିଏମ୍ ସି କମିଶନର ଶ୍ରୀ ଚଂଚଳ ରାଣାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଚାଲୁରହିଛି । ଏହି କ୍ରମରେ ବିଏମ୍‌ସି ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ୨୦୦ ରେସିଡେନସିଆଲ ୱେଲଫେୟାର ଆସୋସିଏସନର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବହୁତଳ ପ୍ରାସାଦରେ ରହୁଥିବା ବାସିନ୍ଦାଙ୍କ ମଧ୍ୟରୁ ଅନେକ କର୍ମଜୀବୀ । ଅନେକ ସମୟରେ ଭୋଟରମାନେ ଘରେ ରୁହନ୍ତି ନାହିଁ । କେହି କେହି ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ରହିପାରନ୍ତି ନାହିଁ । ଫଳରେ ବିଏଲଓମାନେ ବାରମ୍ବାର ଘରକୁ ଘର ବୁଲି ଫର୍ମ ବଂଟନ କରିବାରେ ବିଳମ୍ବ ହେଉଛି ଏବଂ ସମସ୍ତଙ୍କ ନିକଟରେ ପହଂଚିପାରୁ ନାହିଁ । ଏଣୁ ଏଥିପାଇଁ ଆର୍ ଡବ୍ଲ୍ୟୁଏର କର୍ମକର୍ତା, ସଦସ୍ୟ, ସଦସ୍ୟା ବିଏଲଓଙ୍କୁ ସହାୟତା କରିବା ସହ ନିଜ ନିଜ ଅଂଚଳରେ ଭୋଟରମାନଙ୍କୁ ସଚେତନ କରାଇବାକୁ ଅନୁରୋଧ କରାଯାଇଛି । ଭୋଟରମାନେ ଅନଲାଇନରେ ଫର୍ମ ପୂରଣ କରିବା ସହ ବୁଥରେ ଯାଇ ଯେପରି ନିଜର ଫର୍ମ ଦାଖଲ କରିବେ, ସେ ସଂପର୍କରେ ଅବଗତ କରାଇବାକୁ କୁହାଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସରକାରଙ୍କ ଯେତିକି ଦାୟିତ୍ୱ ରହିଛି, ଜଣେ ସଚେତନ ନାଗରିକ ଭାବେ ଆର୍ ଡବ୍ଲ୍ୟୁଏର କର୍ମକର୍ତାମାନଙ୍କର ମଧ୍ୟ ସେତିକି ଦାୟିତ୍ୱ ରହିଛି । ଏଣୁ ବିଏମ୍ ସି ଅଂଚଳରେ ଥିବା ସମସ୍ତ ଆବାସିକ ସଂଗଠନର କର୍ମକର୍ତା ଓ ସଦସ୍ୟ ସଦସ୍ୟା ଏହି କାର୍ଯ୍ୟରେ ସହାୟତା କରିବା ପାଇଁ ଅନୁରୋଧ କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ବିଏମ୍ ସି କମିଶନର ଶ୍ରୀ ଚଂଚଳ ରାଣା । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜୋନାଲ ଡେପୁଟି କମିଶନର ତଥା ଇଆରଓ ପ୍ରଣବ କୁମାର ବେହେରା, ଜୋନାଲ ଡେପୁଟି କମିଶନର ତଥା ଇଆରଓ ରାକେଶ କୁମାର ପାତ୍ର, ଡେପୁଟି କମିଶନର, ନିର୍ବାଚନ, ସୂର୍ଯ୍ୟମଣି ପାଟ୍ଟଯୋଶୀ, ଡେପୁଟି କମିଶନର ଲୋକନାଥ ବେଜ୍, ଡେପୁଟି କମିଶନର ରଶ୍ମୀରେଖା ପ୍ରଧାନ, ସହକାରୀ କମିଶନର ସତ୍ୟଜିତ୍ ଦାଶ, ସହକାରୀ କମିଶନର ସୌଦାମିନୀ ହାଁସଦା, ସହକାର କମିଶନର ସୁଶ୍ରୀ ସ୍ମୃତି ସ୍ୱାଇଁ ପ୍ରମୁଖ ମଂଚାସୀନ ଥିଲେ ।

# ରଙ୍ଗ ତୂଳୀରେ ପରିବେଶ ସୁରକ୍ଷାର ବାର୍ତ୍ତା

ଭୁବନେଶ୍ୱର, ୧୩।୬ (ମହାଭାରତ): ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱରର



ଜଣେ କୁନି ପ୍ରତିଭା ନିଜ ଚିତ୍ରକଳା ମାଧ୍ୟମରେ ପରିବେଶ ସୁରକ୍ଷାର ଏକ ସୁନ୍ଦର ବାର୍ତ୍ତା ଦେଇଛନ୍ତି । ଭୀମଟାଙ୍ଗି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ ଚଳିତ ବର୍ଷର ପରିବେଶ ଦିବସକୁ ନେଇ ଏକ ଚିତ୍ତାକର୍ଷକ ଚିତ୍ର ଅଙ୍କନ କରିଛନ୍ତି । ଏହି ଚିତ୍ରଟି ଚଳିତ ବର୍ଷର ମୁଖ୍ୟ ଆଭିମୁଖ୍ୟ "ପ୍ରକୃତି ଦ୍ୱାରା ଅନୁପ୍ରାଣୀତ । ଜଳବାୟୁ ପାଇଁ । ଆମ ଭବିଷ୍ୟତ ପାଇଁ" ଥିମ୍ ଉପରେ ସମ୍ପୂର୍ଣ୍ଣ ଆଧାରିତ । ଚିତ୍ରଟିରେ ଶାନ୍ତନୁ ସବୁଜ ସହର, ବୃକ୍ଷରୋପଣ, ସୌରଶକ୍ତିର ବ୍ୟବହାର ଏବଂ ଏକ ସୁସ୍ଥ ପ୍ରକୃତିର ଚିତ୍ରକୁ ବେଶ୍ ନିଖୁଣ ଭାବେ ଫୁଟାଇ ପାରିଛନ୍ତି । ଆଧୁନିକ ଅଟ୍ଟାଳିକା ସହ ପ୍ରକୃତିର ସନ୍ତୁଳନ ଏବଂ ସବୁଜିମା ଭରା ପରିବେଶ ପାଇଁ ମଣିଷର ପ୍ରୟାସକୁ ଏଥିରେ ଅତି ଜୀବନ୍ତ ରୂପ ଦିଆଯାଇଛି । କୁନି ଛାତ୍ରଙ୍କ ଏହି ନିଆରା କଳ୍ପନା ଏବଂ ଚିତ୍ରକଳାର ଶୈଳୀ ସାଧାରଣ ଲୋକଙ୍କୁ ଜଳବାୟୁ ପରିବର୍ତ୍ତନ ପ୍ରତି ସଚେତନ ହେବାକୁ ପ୍ରେରଣା ଯୋଗାଉଛି । ପରିବେଶ ସୁରକ୍ଷା କେବଳ ଏକ ଦିବସ ନୁହେଁ, ବରଂ ଆମ ଆଗାମୀ ଭବିଷ୍ୟତ ପାଇଁ ଏକ ସଂକଳ୍ପ ହେବା ଉଚିତ୍ ବୋଲି ଏହି ଚିତ୍ରଟି ବାର୍ତ୍ତା ଦେଉଛି । ଏହି କୁନିଶିଳ୍ପୀଙ୍କ ସବୁଜ ସ୍ୱପ୍ନର ଚିତ୍ର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଆସନ୍ତା ପିଢ଼ୀକୁ ଜଳବାୟୁ ସୁରକ୍ଷା ପ୍ରତି ସଚେତନ କରିବାରେ ଶାନ୍ତନୁଙ୍କର ଏହି ପ୍ରୟାସ ସତରେ ସ୍ୱାଗତଯୋଗ୍ୟ ଏବଂ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟିକାରୀ ।

# ମୌସୁମୀ ପାଇଁ ପୂର୍ବତଟ ରେଳପଥର ପ୍ରସ୍ତୁତି

ଭୁବନେଶ୍ୱର, ୧୩।୬ (ମହାଭାରତ): ମୌସୁମୀ ଋତୁ ଆରମ୍ଭ ହେବା ସହିତ, ବର୍ଷା ଦିନେ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ନିରବଚ୍ଛିନ୍ନ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହାର ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ରାୟଗଡ଼ା ଡିଭିଜନ ଗୁଡିକରେ ୧୦ ଜୁନ୍ ରୁ ୨୫ ସେପଟ୍ମ୍ବର ପର୍ଯ୍ୟନ୍ତ 'ମୌସୁମୀ ସତର୍କତା' ଉପରେ ଏକ ସ୍ୱତନ୍ତ୍ର ସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ପ୍ରବଳ ବର୍ଷା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଥିବା ରେଳ ସମ୍ପତି ଗୁଡ଼ିକର ବ୍ୟାପକ ଯାଞ୍ଚ, ପ୍ରତିଷେଧକ ରକ୍ଷଣାବେକ୍ଷଣ ଏବଂ ତୀକ୍ଷ୍ଣ ତଦାରଖ ରଖାଯିବା ଅନ୍ତର୍ଭୁକ୍ତ। ଟ୍ରାକ୍, ବ୍ରିଜ୍ (ପୋଲ), କଲଭର୍ଟ, ଟନେଲ୍ (ସୁଡ଼ଙ୍ଗ), ଏମ୍ବ୍ୟାଙ୍କମେଂଟ (ବନ୍ଧ), କଟିଙ୍ଗ୍, ଡ୍ରେନେଜ୍ ବ୍ୟବସ୍ଥା, ସିଗନାଲିଂ ବ୍ୟବସ୍ଥା, ବୈଦ୍ୟୁତିକ ସମ୍ପତି ଏବଂ ଓଭରହେଡ୍ ଉପକରଣ ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ପ୍ରସ୍ତୁତିମୂଳକ ପଦକ୍ଷେପ ସ୍ୱରୂପ ରେଳ ଧାରଣା ସଂଲଗ୍ନ ନଦୀ, ପୋଲ ଏବଂ କଲଭର୍ଟ ଗୁଡ଼ିକର ଜଳସ୍ତର ଉପରେ କଡ଼ା ନଜର ରଖାଯିବ।



ବନ୍ୟା, ମୃତିକା କ୍ଷୟ, ଭୂସ୍ଖଳନ , ପାହାଡ଼ ଧସିବା ଏବଂ ପଥର ଖସିବା ଭଳି ଆଶଙ୍କା ଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି। ରିଟେନିଂ ୱାଲ୍ (ପ୍ରତିରୋଧକ ପ୍ରାଚୀର), ବୋଲ୍ଡର ନେଟ୍ ଏବଂ ନଦୀ-ପ୍ରଶିକ୍ଷଣ କାର୍ଯ୍ୟ ଭଳି ସୁରକ୍ଷାମୂଳକ ଗଠନଗୁଡ଼ିକୁ ଭଲଭାବେ ଯାଂଚ କରାଯାଉଛି ଏବଂ ଆବଶ୍ୟକ ସ୍ଥଳେ ସୁଦୃଢ଼ କରାଯାଉଛି। ପ୍ରତିକୂଳ ପାଗ ସମୟରେ ପ୍ରଭାବଶାଳୀ ନଜର ରଖିବା ଏବଂ ଉତମ ଦୃଶ୍ୟମାନତା ସୁନିଶ୍ଚିତ କରିବା ପାଇଁ ପୋଲ ଏବଂ ରେଳଧାରଣା ନିକଟରେ ଥିବା ଗଛଲତା ଓ ବୁଦାଗୁଡ଼ିକୁ ମଧ୍ୟ ସଫା କରାଯାଉଛି। ଏହି ମୌସୁମୀ ସୁରକ୍ଷା ଅଭିଯାନରେ ଦୁର୍ବଳ ଟ୍ରାକ୍ ସେକ୍ସନ ଗୁଡ଼ିକରେ ବ୍ୟାପକ ପାଟ୍ରୋଲିଂ, ସମ୍ବେଦନଶୀଳ ସ୍ଥାନଗୁଡ଼ିକର ନିୟମିତ ଯାଂଚ ଏବଂ ଚିହ୍ନଟ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ୱାଚ୍ ?ମ୍ୟାନ୍ (ଜଗୁଆଳି) ମୁତୟନ କରାଯିବା ଅନ୍ତର୍ଭୁକ୍ତ ଅଟେ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ପାଇଁ ବାଲିବସ୍ତା, ବାଲାଷ୍ଟ (ପଥରଗୁଡ଼ି) ଏବଂ ମୋରମ ସହିତ ପର୍ଯ୍ୟାପ୍ତ ପରିମାଣର ଜରୁରୀକାଳୀନ ସାମଗ୍ରୀ ରଣନୀତିକ ଭାବେ ଗଚ୍ଛିତ କରି ରଖାଯାଇଛି। ଜଳବନ୍ଦୀ ଏବଂ ଆଦ୍ରତା ଦ୍ୱାରା ସୃଷ୍ଟି ହେଉଥିବା ବ୍ୟାଘାତକୁ ରୋକିବା ପାଇଁ ସିଗନାଲିଂ ଏବଂ ଦୂରସଂଚାର ବ୍ୟବସ୍ଥା, ଟ୍ରାକ୍ ସର୍କିଟ୍, ରିଲେ ରୁମ୍, ପଏଣ୍ଟ ମେସିନ୍ ଏବଂ ଲୋକେସନ ବକ୍ସ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି। ସିଗନାଲ ଗୁଡ଼ିକର ସଠିକ୍ ଦୃଶ୍ୟମାନତା ସୁନିଶ୍ଚିତ କରିବା, ଝୁଲୁଥିବା ଗଛର ଡାଳଗୁଡ଼ିକୁ କାଟିବା ଏବଂ ପ୍ରଭାବଶାଳୀ ଆର୍ଥିଂ ଓ ସର୍ଜ ସୁରକ୍ଷା ବ୍ୟବସ୍ଥା ମାଧ୍ୟମରେ ବୈଦ୍ୟୁତିକ ଏବଂ ସିଗନାଲିଂ ସଂସ୍ଥାପନ ଗୁଡ଼ିକର ସୁରକ୍ଷା ପାଇଁ ମଧ୍ୟ ଅନେକ ଗୁଡିଏ ପଦକ୍ଷେପ ନିଆଯାଉଛି। ଟ୍ରାକସନ ଏବଂ ବୈଦ୍ୟୁତିକ କ୍ଷେତ୍ରରେ, ପାଣି ପଶିବାକୁ ରୋକିବା ଏବଂ ପ୍ରତିକୂଳ ପାଗ ସମୟରେ ପରିଚାଳନାଗତ ନିର୍ଭରଯୋଗ୍ୟତା ବଜାୟ ରଖିବା ପାଇଁ ଓଭରହେଡ୍ ଉପକରଣ, ସୁଇଚିଂ ପୋଷ୍ଟ, ସବ୍-ଷ୍ଟେସନ ଏବଂ ଲୋକୋମୋଟିଭ୍ (ଇଞ୍ଜିନ) ଉପକରଣଗୁଡ଼ିକର ବିସ୍ତୃତ ଯାଂଚ କରାଯାଉଛି।

# ନିଟ୍ ପରୀକ୍ଷା ବାତିଲ

ଏନଟିଏ ଉଚ୍ଛେଦ ହେଲେ ସବୁ ଦିନ ପାଇଁ ଦୁର୍ନୀତିର ବାଟ ଖୋଲିଯିବ। ଦେଶକୁ ଭଲ ଡାକ୍ତରଙ୍କ ଆବଶ୍ୟକତା ରହିଛି। ସେଥିପାଇଁ ମେଧାବୀ ଛାତ୍ରଙ୍କୁ ମେଡିକାଲ ପଢ଼ିବାର ସୁଯୋଗ ଦିଆଯିବା ଉଚିତ। ଏଥିପାଇଁ ଏନପଟିଏ ଗଠିତ ହୋଇଛି। ଯଦି ରାଜ୍ୟ ସ୍ତରରେ ମେଡିକାଲ ପ୍ରବେଶିକା ପରୀକ୍ଷା ହେବ ତେବେ ପ୍ରତି ରାଜ୍ୟରେ ପ୍ରଶ୍ନପତ୍ର ଲିକଠାରୁ ଆରମ୍ଭ କରି ଅନେକ ଦୁର୍ନୀତିର ରାସ୍ତା ଖୋଲିଯିବ। ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଡିକାଲ ପଢ଼ିବାର ସୁଯୋଗ ନମିଳିପାରେ। ତେଣୁ ଏନଟିଏ ଉଚ୍ଛେଦ ଦାବି କଦାପି ଗ୍ରହଣୀୟ ନୁହେଁ। ଭାରତରେ କୌଣସି ଭଲ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ବା କୌଣସି ସରକାରୀ ପଦପଦବୀରେ ନିଯୁକ୍ତି ନିମନ୍ତେ ଆବେଦନ ଲାଗି ବିଜ୍ଞାପନ ପ୍ରକାଶ ପାଏ, ସେତେବେଳେ ଗୋଟିଏ ଗୋଟିଏ ପଦ ବା ସିଟ ଲାଗି ଲକ୍ଷେ ପିଲା ଆବେଦନ କରନ୍ତି। ସରକାରୀ ଅଫିସରେ ପିଅନ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲେ ସ୍ନାତକୋତ୍ତର ଡିଗ୍ରୀଧାରୀ ମେଧାବୀ ଛାତ୍ରଟିଏ ମଧ୍ୟ ଏଥିପାଇଁ ଆଗ୍ରହୀ ହୋଇଥାଏ। କାରଣ ହେଲା ବଂଚିବାକୁ ସଂଘର୍ଷ। ଗରିବ, ନିମ୍ନମଧ୍ୟବିତ୍ତ ବର୍ଗର ଛାତ୍ରଟିଏ ପାଠ ପଢ଼ିବାର ମୁଖ୍ୟ ଉଦ୍ଦେଶ୍ୟ ରଖିଥାଏ କିପରି ସରକାରୀ ଚାକିରୀ ଖଣ୍ଡେ ପାଇବ। କାରଣ ସରକାରୀ ଚାକିରୀରେ ସ୍ଥାୟିତ୍ୱ ରହିଛି, ଘରୋଇ କ୍ଷେତ୍ରରେ ଚାକିରୀ କହିଲେ ଶୋଷଣ ଏବଂ ଅତ୍ୟାଚାର। ଭାରତର ଜନସଂଖ୍ୟା ଯାହା ସେଥିରେ ସମସ୍ତଙ୍କୁ ବା ଅଧା ଆବେଦନକାରୀଙ୍କୁ ନିଯୁକ୍ତି ଦେବା ମଧ୍ୟ ଅସମ୍ଭବ। ଯେତେବେଳେ ଗୋଟିଏ ପଦକୁ ଲକ୍ଷେ ପିଲା ଆବେଦନ କରନ୍ତି, ସେତେବେଳେ ଦୁର୍ନୀତିର ମଧ୍ୟ ଆଶଙ୍କା ରହିଛି। କେବଳ ସରକାରୀ ଚାକିରୀ ନୁହେଁ, ଭଲ ଶିକ୍ଷାନୁଷ୍ଠାନରେ ବିଶେଷ କରି ବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇାକୁ ମଧ୍ୟ ଏଭଳି ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥାଏ ଏବଂ ଏଥିର ମଧ୍ୟ ଦୁର୍ନୀତି ହେଉଛି। ନିକଟରେ ଏନଟିଏ ଦ୍ୱାରା ପରିଚାଳିତ ନିଟ-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିଛି। କେବଳ ନିଟ-ୟୁଜି ନୁହେଁ ନିଟ-ପିଜି ପରୀକ୍ଷା ଏବଂ ସିଏସଆଇଆର-ନିଟ ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି। ଏଥିନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଯଦି ଜଣେ ଯୋଗ୍ୟ ଛାତ୍ର ଗଳାବାଟରେ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇ ଡାକ୍ତର ହୁଏ ତେବେ ସମାଜର ଅବସ୍ଥା କ'ଣ ହେବ ତାହା ଅନୁମାନ ଯୋଗ୍ୟ। ଏମିତି ସଂରକ୍ଷଣ ବ୍ୟବସ୍ଥାରେ ଅନେକ ଅଯୋଗ୍ୟ ଏବଂ ନିମ୍ନମାନର ଛାତ୍ରଛାତ୍ରୀ ମେଡିକାଲ ପଢ଼ିବାର ସୁଯୋଗ ପାଉଛନ୍ତି। ସେଥିରେ ଦୁର୍ନୀତି କରି ଅନେକ ଅଯୋଗ୍ୟ ଛାତ୍ରଛାତ୍ର ମେଡିକାଲ ପଢ଼ି୧ବାର ସୁଯୋଗ ପାଉଛନ୍ତି। ସେଥିରେ ଭଲ ଡାକ୍ତର କେମିତି ବାହାରିବେ ? ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ, ପ୍ରବେଶିକା ପରୀକ୍ଷା ବିଫଳ ହେଉଥିବା ଅନେକ ମେଧାବୀ ଛାତ୍ରଛାତ୍ରୀ ଯୋଗ୍ୟତା ଥାଇ ମଧ୍ୟ ସାମାନ୍ୟ ତ୍ରୁଟିରୁ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବାକୁ ସକ୍ଷମ ହେଉ ନାହାଁନ୍ତି। କିନ୍ତୁ କିଛି ଅଯୋଗ୍ୟ ଛାତ୍ର ବିଭିନ୍ନ ବାଟରେ ମେଡିକାଲ ପଢ଼ିବାକୁ ସୁଯୋଗ ପାଉଛନ୍ତି। ଏହା ଦ୍ୱାରା ଅନେକ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଏନଟିଏ ଭଳି ଜାତୀୟ ସ୍ତରର ଏଜେନ୍ସି ଦ୍ୱାରା ପରିଚାଳିତ ପରୀକ୍ଷାରେ ଯଦି ଏଭଳି ଦୁର୍ନୀତି ହୁଏ ତେବେ ଏହା ଚିନ୍ତାଜନକ, ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ନିମନ୍ତେ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟିର ସୁପାରିସକ୍ରମେ ସରକାର ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବେ। ଏହା ସ୍ୱାଗତଯୋଗ୍ୟ। ଅନେକ ଏନଟିଏକୁ ବନ୍ଦ କରି ପୂର୍ବପରି ରାଜ୍ୟସ୍ତରରେ ପ୍ରତିଯୋଗିତା ମୂଳକ ପରୀକ୍ଷା ହେଉ ଏବଂ ସର୍ବଭାରତୀୟ ପରୀକ୍ଷାକୁ ରଦ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଏହାକୁ ବିଚାର କରାଯିବା ଉଚିତ।

# ରାଜ୍ୟରେ ଜଳ ସଙ୍କଟ

॥ ଡ଼ଃ. ଅରୁନ୍ଧତୀ ଦେବୀ ॥

“ *ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି।*

ରାଜ୍ୟରେ ଖରା ଏବେ ଠାରୁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କଲାଣି। ତେଣୁ ଆଗାମୀ ଦିନରେ ପାନୀୟ ଜଳକୁ ନେଇ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟର ୧୪ ଜିଲ୍ଲା ଜଳଶୁଷ୍କ ଅଞ୍ଚଳ ଭାବେ ପରିଗଣିତ ହେଉଛି। ମାର୍ଚ୍ଚର ତାତିକୁ ଦେଖି ଏପ୍ରିଲ ଓ ମେ' ମାସର ଗ୍ରୀଷ୍ମପ୍ରବାହକୁ ଆକଳନ କରାଯାଏ ତେବେ ଜଳଶୁଷ୍କ ଭାବେ ଚିହ୍ନିତ ଜିଲ୍ଲାରେ ପାନୀୟ ଜଳ ଏକ ବଡ଼ ସମସ୍ୟା ହେବ ବୋଲି କୁହାଯାଉଛି। ମୁଖ୍ୟତଃ ଗ୍ରୀଷ୍ମଋତୁରେ ଏହି ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ ହୁଅନ୍ତି। ସରକାର ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାକୁ ଯଦିଓ ଅଣ୍ଟା ଭିଡ଼ିଛନ୍ତି, ଏ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା ପହଞ୍ଚି ପାରିନି। ଅପରପକ୍ଷରେ ଜଳ ସଂରକ୍ଷଣ ପାଇଁ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି)କୁ ଓଡ଼ିଶା ସରକାର ୧୫ଟି ପ୍ରସ୍ତାବ ପଠାଇଛନ୍ତି। ସେଥିରୁ ୭ଟି ଫେରସ୍ତ ହୋଇଥିବାବେଳେ ୮ଟି ସ୍ଥଗିତ ରହିଛି। ସ୍ଥାୟୀ ଜଳଧାରଣ କ୍ଷମତାକୁ ବୃଦ୍ଧି କରିବା ନିମନ୍ତେ ଗତ ପାଞ୍ଚ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ନିକଟରେ ଗଣମାଧ୍ୟମକୁ କହିଛନ୍ତି।

କେନ୍ଦ୍ର ସରକାରଙ୍କ ତରଫରୁ ଏ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ଜଳଶୁଷ୍କ ଜିଲ୍ଲା ଭାବେ ଚିହ୍ନଟ କରାଯାଇପାରିନି। ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମାଋତୁରେ ସାମୟିକ ଭାବେ ଜଳସ୍ତର ହ୍ରାସ ହୁଏ। ବଲାଙ୍ଗୀର, ଫୁଲବାଣୀ, ବୌଦ୍ଧ, ଗଞ୍ଜାମ, ନୟାଗଡ଼, ସମ୍ବଲପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦ୍ରାପଡ଼ା ଓ ଢ଼େଙ୍କାନାଳ ଜିଲ୍ଲାରେ ଜଳଶୁଷ୍କ ଅଞ୍ଚଳ ଅଧିକ ରହିଛି। ତେଣୁ ଏହିସବୁ ଜିଲ୍ଲାରେ ଖରାଦିନେ କିପରି ଲୋକଙ୍କୁ ପାନୀୟ ଜଳ ମିଳିବ, ତାହା ଏବେ ଚିନ୍ତାର ବିଷୟ। ଜଳଶୁଷ୍କ ଚିହ୍ନିତ ଜିଲ୍ଲାଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଚାଲୁ ରହିଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପରେ ଉନ୍ନତୀକରଣ କରାଯାଇ ପ୍ରତ୍ୟେକ ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ତେବେ ଏଥର ଖରାଦିନେ ଉପରୋକ୍ତ ଜିଲ୍ଲା ଗୁଡ଼ିକ ଏହି ପ୍ରକଳ୍ପରୁ ପାଣି ପାଇବା ସମ୍ଭାବନା କ୍ଷୀଣ। ତେଣୁ ଜଳଶୁଷ୍କ ଜିଲ୍ଲାରେ ଏଥର ପାନୀୟ ଜଳକୁ ନେଇ ସଙ୍କଟ ଆଶଙ୍କାକୁ ଟାଳି ହେବନାହିଁ। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀରେ ଜଳପ୍ରବାହ କମିବାରେ ଲାଗିଛି। ମହାନଦୀ ଉପରମୁଣ୍ଡରେ ବହୁ ବ୍ୟାରେଜ କାରଣରୁ ମହାନଦୀକୁ ଅଣମୌସୁମୀ ସମୟରେ ଯେତିକି ଜଳ ପ୍ରବାହିତ ହେବା କଥା, ତାହା ହେଉନି। ଆଗାମୀ ବର୍ଷଗୁଡ଼ିକରେ ଜଳ ପ୍ରବାହା ଆହୁରି ମଧ୍ୟ କମିବାର ଆଶଙ୍କା ସୃଷ୍ଟି ହୋଇଥିବା ଖୋଦ ଜଳସମ୍ପଦ ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି। ଛତିଶଗଡ଼ରେ ମହାନଦୀ ଶଯ୍ୟାରେ ଜଳ ଭରପୁର ରହିଥିବାବେଳେ ଓଡ଼ିଶାରେ ଜଳ ପ୍ରବାହ କମିଛି। ଗତବର୍ଷ ଫେବୃଆରୀ ୨୬ରେ ହୀରାକୁଦରେ ଜଳସ୍ତର ୬୪୨ ଫୁଟ ରହିଥିବାବେଳେ ଏ ବର୍ଷ ଫେବୃଆରୀ ୨୬ରେ ୬୧୮ ଫୁଟ ରହିଛି। ଏପରି କି ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମହାନଦୀ ଶୁଖିଲା ଦେଖିବାକୁ ମିଳୁଛି। ଆଗକୁ ଚାଷଜମିକୁ ପାଣି କିଭଳି ମିଳିବ ତାହା ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ମହାନଦୀର ତଳମୁଣ୍ଡରେ ଜଳ ସଂରକ୍ଷଣ ପାଇଁ ରାଜ୍ୟ ସରକାର ବାହାରିଥିବା ବେଳେ ଛତିଶଗଡ଼ ସହ ବିବାଦ କାରଣରୁ ଏସବୁ ଅଟକି ରହିଛି।

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାରପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ୍ୟ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ୧୩ଟି ବ୍ଲକର ୭୪୦ଟି ଗାଁରେ ସ୍ଥିତି ଅତି ଗୁରୁତର। ପାଣି ମିଳୁନାହିଁ, ଯାହା ମିଳୁଛି ଅତି ମାତ୍ରାରେ ଦୂଷିତ। ଯେଉଁଥିପାଇଁ ଏସବୁ ଗାଁରେ ରହୁଥିବା ୫ଲକ୍ଷ ୯୦ ହଜାର ଲୋକଙ୍କ ଜୀବନ ବିପନ୍ନ। ଏମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ କମିସନ୍ ସୁପାରିସ କରିଛନ୍ତି।

ରାଜ୍ୟର ମୋଟାମୋଟି ପାନୀୟ ଜଳ ସ୍ଥିତି ସମ୍ପର୍କରେ ତଥ୍ୟ ରଖି କମିସନ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମୋଟ ୧ ଲକ୍ଷ ୫୭ ହଜାର ୨୯୬ଟି ବସତି ମଧ୍ୟରୁ ୧ ଲକ୍ଷ ୨ ହଜାର ୧୧୦ଟି ବସତିକୁ ପାନୀୟ ଜଳ ମିଳୁଛି। ଦିନକୁ ମୁଣ୍ଡପିଛା ୪୦ ଲିଟର ଲେଖାଏଁ। ଏଥିରୁ ପ୍ରାୟ ୪୮ ହଜାର ୪୬୬ଟି ବସତିକୁ ଆଂଶିକ ଭାବେ ପାନୀୟ ଜଳ ଦିଆଯାଉଛି। ଅର୍ଥାତ୍ ଯେଉଁଠି ୪ଟି କିମ୍ବା ୫ଟି ନଳକୂପ ଦରକାର ସେଠି ମିଳୁଛି ମାତ୍ର ଗୋଟିଏ। ଅନେକ ଗାଁରେ ସ୍ଥାପନ ହୋଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଏଣୁ ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରତି ଜନବସତିକୁ ହାରାହାରି ଦୁଇଟି ଲେଖାଏଁ, ନଳକୂପ ଯୋଗାଇ ଦେବା ପାଇଁ କମିସନ ସୁପାରିଶ କରିଛନ୍ତି। ଏଥିପାଇଁ ୭୭୫ କୋଟି ଟଙ୍କା ବ୍ୟୟ ବରାଦ ରଖାଯିବା ଦରକାର ବୋଲି କୁହାଯାଇଛି। ପାଇପ୍ ଯୋଗେ ମାତ୍ର ୩୫ ହଜାର ୨୩୩ ବସତିକୁ ପାଣି ଦିଆଯାଉଛି। ଏହି ଜଳ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୨୫୧୫ କୋଟି ଟଙ୍କା ଦେବା ପାଇଁ ଅର୍ଥ କମିସନ ସୁପାରିଶ କରିଛି। ସହରାଞ୍ଚଳ ପାନୀୟ ଜଳ ସ୍ଥିତି ମଧ୍ୟ ଗମ୍ଭୀର ବୋଲି ଦର୍ଶାଇ କମିସନ କହିଛନ୍ତି ମୋଟ ୧୦୯ଟି ସହରାଞ୍ଚଳରେ ଥିବା ୧୮୪୩ଟି ୱାର୍ଡ଼ ମଧ୍ୟରୁ ମାତ୍ର ୫୫୨ଟି ୱାର୍ଡ଼କୁ ସମ୍ପୂର୍ଣ୍ଣ ଭାବେ ପାନୀୟ ଜଳ ଯୋଗାଣ କରାଯାଉଛି।

୧୧୪୬ଟି ୱାର୍ଡ଼ରେ ଆଂଶିକ ଯୋଗାଣ ହେଉଛି। ୧୪୫ଟି ୱାର୍ଡ଼କୁ ସରକାର ଭୁଲି ଯାଇଛନ୍ତି। ଯେଉଁଠି ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ତାର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ପାଖାପାଖି ୨୨ଶହ କୋଟି ଟଙ୍କା ଏସବୁ ପୌରାଞ୍ଚଳକୁ ହସ୍ତାନ୍ତର କରିବା ଲାଗି କମିସନ ଗୁରୁତ୍ୱାରୋପ କରିଛନ୍ତି। ଏହାଛଡ଼ା ଦିନକୁ ମୁଣ୍ଡପିଛା ୪୦ ଲିଟର ପାଣିକୁ ପ୍ରଥମେ ୭୦ ଲିଟର ଓ ପରେ ୧୩୫ ଲିଟରକୁ ବୃଦ୍ଧି କରିବା ପାଇଁ କମିଶନ କହିଛନ୍ତି। ଓଡ଼ିଶା ସହରାଞ୍ଚଳ ଜଳନୀତି ମୁତାବକ ସହରାଞ୍ଚଳରେ ଜଳଯୋଗାଣ ସ୍ଥାପନ ପାଇଁ ଆଗାମୀ ଦଶ ବର୍ଷ ମଧ୍ୟରେ ୨୭୦୩ କୋଟି ଟଙ୍କା ବ୍ୟୟବରାଦ କରିବା ପାଇଁ କମିସନ ସୁପାରିଶ କରିଛନ୍ତି। ଖାଦ୍ୟ ଅଭାବରୁ ପ୍ରାଣୀମାନେ ବଞ୍ଚିବା ଯେଭଳି ଅସମ୍ଭବ ଜଳ ଅଭାବରୁ ବଞ୍ଚିବା ତା ଠାରୁ ଅଧିକ କଷ୍ଟସାଧ୍ୟ। ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ। ଜଳ ସଙ୍କଟ ଯୋଗୁଁ ରାଜ୍ୟର ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ପ୍ରାଣୀଙ୍କର ସ୍ୱାସ୍ଥ୍ୟହାନି ଘଟି ବିପର୍ଯ୍ୟୟ ଘଟୁଥିବାରୁ ଆମର ସମ୍ବେଦନଶୀଳ ମୁଖ୍ୟମନ୍ତ୍ରୀ ବାସ୍ତବ ଦୃଷ୍ଟିକୋଣରୁ ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବା ଲାଗି ଆଗେଇ ଆସିବା ଉଚିତ। କେବଳ କାଗଜପତ୍ରରେ ସମସ୍ୟାର ସମାଧାନରେ ଆତ୍ମସନ୍ତୋଷ ଲାଭ ନକରି ପ୍ରତ୍ୟେକ୍ଷ ଅନୁଭୂତିରୁ ଆତ୍ମସନ୍ତୋଷ ଲାଭ କରିବା ଏକାନ୍ତ ଆବଶ୍ୟକ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଅଭିନ୍ନ

॥ ଅନୀତା ପଟ୍ଟନାୟକ ॥

ସେ ଦିନ ଥାଏ ହୋଲି। ପୁରୀର ବଡ଼ଦାଣ୍ଡ ବୃନ୍ଦାବନ ପରି ଲାଗୁଥାଏ। ସପ୍ତରଙ୍ଗର ହୋଲି ଖେଳରେ ବଡ଼ଦାଣ୍ଡର ଜଳବାୟୁ ରଙ୍ଗାୟିତ ହେଉଥାଏ। ଇଚ୍ଛା ହେଉଥାଏ ଜଗନ୍ନାଥଙ୍କର ଏକ ନାମକରଣ କରିବା ପାଇଁ ଯଥା 'ଓଁ ଶ୍ରୀ କୋଳାହଳପ୍ରିୟାୟ ନମଃ'। କୃଷ୍ଣ ମୁକ୍ତିକାନ୍ତ ନିଜର ପ୍ରାର୍ଥନା ଗୃହରେ ସ୍ୱର୍ଣ୍ଣରଙ୍ଗରେ ବନ୍ଧାଇ ହୋଇଥିବା କୃଷ୍ଣଙ୍କର ଫଟୋ ନିକଟରେ ବସିଥାନ୍ତି। ଆଖିରୁ ଧାରଧାର ଲୁହ ଝରି ଆସୁଥାଏ। ସକାଳେ ସମୟ ଥାଏ ଓ ସେ ତେନ ଅବସ୍ଥାରେ ଥାଆନ୍ତି। ସେ ଜେଜେମା ଜେଜେବାପାଙ୍କ ଠାରୁ ଶ୍ରୀକୃଷ୍ଣଙ୍କର ଅଲୌକିକ କାହାଣୀ ଶୁଣି ସେ କୃଷ୍ଣଙ୍କ ନିକଟକୁ ଆକର୍ଷିତ ହୋଇଥିଲେ। ଶ୍ରୀକୃଷ୍ଣଙ୍କର ସର୍ବବ୍ୟାପକତ୍ୱ ଓ ସର୍ବତ୍ର ବିଦ୍ୟମାନର ନିର୍ଦ୍ଦେଶ ମଧ୍ୟ ପାଇଥିଲେ। ସେ ନୀଳରଙ୍ଗର ବଂଶୀଧାରୀ କୃଷ୍ଣ ଫଟୋରେ ଦିବ୍ୟତ୍ୱର ଝଲକ ସ୍ମିତହାସ୍ୟ ସୁଦର୍ଶନର ଚାହାଣୀ ଓ ତାଙ୍କର ଉଜ୍ଜ୍ୱଳ ଶ୍ରୀମୁଖକୁ ହୃଦୟଙ୍ଗମ କରିପାରୁଥିଲେ। କୃଷ୍ଣମୁକ୍ତିକାନ୍ତ କ୍ରନ୍ଦନ କରି କହିଉଠିଲେ 'ମୋ ନିଜ ଠାରୁ ତୁମେ ମତେ ଅଧିକ ଭଲ ଭାବରେ ଜାଣ'। ମୋ ପ୍ରତି ଏତେ ନିଷ୍ଠୁର କାହିଁକି ? ଏକଦା ଚିନ୍ତନ କରୁଥିବା ବେଳେ, ମାତୃଗର୍ଭର କଷ୍ଟରୁ ଦିନେ ମତେ ମୁକ୍ତି ଦେଇ ଏ ପୃଥିବୀକୁ ଆଣିଥିଲ। ମୋର ନାମକରଣ ମଧ୍ୟ କରାଇଥିଲ। ଚାଉଳରେ ସୁନା ମୁଦିଟିଏ ଦେଇ ଜଗନ୍ନାଥଙ୍କ ନିକଟରେ ପୁରୋହିତଙ୍କ ହାତକୁ ଟେକି ଦେଇ ମୋର ପିତାମାତା ମୋର ନାମକରଣ କରାଇଥିଲେ। ସେହିଦିନ ଠାରୁ ସବୁଦିନ ଅଇନାରେ ମୁହଁକୁ ଦେଖି ନିଜର ଦକ୍ଷତା ଓ ପ୍ରତିଭାକୁ ମୁଁ ବଢ଼ାଇ ଚାଲିଲି। ଖେଳକୁଦ ଠାରୁ ଆରମ୍ଭ କରି ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ସହିତ ଜଣେ ପ୍ରତିଭାବାନ ବ୍ୟକ୍ତିରୂପେ ପ୍ରତୀୟମାନ ହୋଇପାରିଲି। ଜଣେ ଉଜ୍ଜ୍ୱଳରତ୍ନ ଭାବେ ପରିଚିତ ହୋଇ ଅନେକ ସରକାରୀ ଓ ବେସରକାରୀ ସଂସ୍ଥା ମାନଙ୍କ ଦ୍ୱାରା ପୁରସ୍କାର ପ୍ରାପ୍ତ ହେଲି। ନମ୍ରତା ଓ ସେବାର ପ୍ରତୀକ ଭାବେ ପରିଗଣିତ ହେଲି। ସମୟ ଆସିଲେ ତୁମେ ଓ ମୁଁ ଏକତ୍ରିତ ହେବ। ଆଜିର ଏ ହୋଲିପର୍ବରେ ବାହାରକୁ ଯାଅ ନିଜର ପରିବାର, ବନ୍ଧୁବର୍ଗ, ଆତ୍ମୀୟସ୍ୱଜନଙ୍କ ସହ ମିଶି ହୋଲି ଖେଳି ଆନନ୍ଦିତ ହୁଅ। ବର୍ତ୍ତମାନ ସମୟରେ ତୁମର ଧନ, ପ୍ରତିପତ୍ତି, ସୌନ୍ଦର୍ଯ୍ୟ ସବୁକିଛି ଜନସେବାରେ ନିୟୋଜିତ କର। ପ୍ରଥମ ପର୍ଯ୍ୟାୟରେ ମୁଁ ଓ ତୁମେ ଭିନ୍ନ ବୋଲି ଭାବି ମାତୃଗର୍ଭରେ ଖୁବ ଆକୁଳ ପ୍ରାର୍ଥନା କରିଥିଲ। ପରବର୍ତ୍ତୀ ସମୟରେ ଜାଣନ୍ତରେ ହେଉବା ଅଜାଣନ୍ତରେ ହେଉ ସେହି ମନ, ବୁଦ୍ଧି, ଚିତ୍ତକୁ ପ୍ରୟୋଗକରି ସମସ୍ତଙ୍କ ମାଧ୍ୟମରେ ମୁଁ ଅଛି ବୋଲି ମନଦ୍ୱାରା ବିଚାର କରି ତୁମେ ସେବାକରି ସମାଜରେ ପ୍ରତିଷ୍ଠିତ ହେବା ସହିତ ଅନେକ ସରକାରୀ ଓ ବେସରକାରୀ ପୁରସ୍କାର ପ୍ରାପ୍ତ ହୋଇ ପାରିଛ। ହେ କୃଷ୍ଣ ମୁକ୍ତିକାନ୍ତ ଏବେ ତୁମ ନାମର ସାର୍ଥକତା ପ୍ରତିପାଦନ କରିବାର ସମୟ ପାଖେଇ ଆସୁଛି। ହୋଲିର ସପ୍ତ ରଙ୍ଗରେ ନିଜକୁ ରଙ୍ଗାୟିତ କରି ସମସ୍ତଙ୍କ ମନରେ ଆନନ୍ଦ ବିଚ୍ଛୁରିତ କର। ନିଜର ବୁଦ୍ଧି ବିବେକ ଓ ପ୍ରତିଷ୍ଠା ଦ୍ୱାରା ପ୍ରମାଣିତ କରିଦିଅ ଯେ ମନଦ୍ୱାରା ଭଗବାନଙ୍କ ଠାରୁ ଯେଉଁ ଆଶୀର୍ବାଦ ପାଇଛ ତାହା ପ୍ରକୃତ ଆନନ୍ଦ ନୁହେଁ ଗୋଟିଏ କାମରେ ଲାଗିପଡ଼ ତାହା ହେଉଛି ତୁମେ ଓ ମୁଁ ଅଭିନ୍ନ। ଏପରି ଚେତନାରେ ପହଞ୍ଚି ।ପରିଲେ ତୁମ ହୃଦୟରେ ସୃଷ୍ଟି ହୋଇଥିବା ଶୂନ୍ୟତା ପୂରଣ ହୋଇପାରିବ। ତୁମେ ପ୍ରକୃତ ଆନନ୍ଦ ପାଇପାରିବ, ଆନନ୍ଦ ପାଇଁ ଭିକ୍ଷା କରିବାକୁ ପଡ଼େନାହିଁ। କୃଷ୍ଣ ମୁକ୍ତିକାନ୍ତ ନୁହେଁ କେବଳ କୃଷ୍ଣ ଏହି ଆନନ୍ଦର କାରଣ। ଶଙ୍କରାଚାର୍ଯ୍ୟଙ୍କର ଏହି ପଂକ୍ତି ମନେରଖ। 'ମାକୁରୁ ଧନଜନ ଯୌବନ ଗର୍ବଂ, ହରତି ନିମେଷାତ୍ କାଳସର୍ବଂ'। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମୂଲ୍ୟବୋଧ ଶିକ୍ଷାକୁ ଗୁରୁତ୍ୱ ଦେଇ ତାର ପ୍ରଚାର ପ୍ରସାର ପାଇଁ ମୁଁ ଅନେକ କାର୍ଯ୍ୟ କଲି। ସମସ୍ତଙ୍କୁ ଆନନ୍ଦର ଉତ୍ସ ବୋଲି ବିବେଚନା କରୁଥିଲେ ମଧ୍ୟ ନିଜ ଭିତରେ ପ୍ରକୃତ ଆନନ୍ଦ ପାଇପାରୁନାହିଁ କାହିଁକି ?



ସେ ଦିନ ନିଜର ପତ୍ନୀ ଓ ପୁତ୍ର ଅନ୍ୟ ଏକ ଘରେ ଶୋଇଥାନ୍ତି ଓ ମୁକ୍ତିକାନ୍ତ ଜୀବନରେ ଶୂନ୍ୟସ୍ଥାନ ପୁରାଣରେ ମାତିଥାନ୍ତି। କ୍ରନ୍ଦନ କରି କହୁଥାନ୍ତି। ହେ କୃଷ୍ଣ ମୋ ପ୍ରତି ତୁମେ ଏତେ ବଧିର କାହିଁକି ? ତୁମର ଆଶୀର୍ବାଦ ପାଇବା ପାଇଁ ମୁଁ କଣ ଯୋଗ୍ୟ ନୁହେଁ କି ? ଉପହାରଟିଏ ଦିଅ ମୁଁ ତୁମଠାରୁ ବିଶେଷ କିଛି ଚାହୁଁ ନାହିଁ। ମତେ କୁହାଯାଇଥିଲା ତୁମ ସହିତ ମିଳନ ହେଲେ ଆନନ୍ଦ ମିଳେ ହେଲେ ମୋର ଆନନ୍ଦ କାହିଁ ? କୃଷ୍ଣ ମୁକ୍ତିକାନ୍ତ ଦେଖିଲେ ବଂଶୀଧାରୀ କୃଷ୍ଣ ସ୍ମିତହାସ୍ୟ କରୁଛନ୍ତି। ସେ ସ୍ମିତହାସ୍ୟରେ ଇଙ୍ଗିତପୂର୍ଣ୍ଣ ଚକ୍ଷୁରେ ସୂଚନା ଦେଉଥାନ୍ତି ହେ ପ୍ରୀୟ ମୁକ୍ତିକାନ୍ତ ! ତୁମର ମାତୃଗର୍ଭରେ ଥିବା ସମୟ ଠାରୁ ଆଜି ପର୍ଯ୍ୟନ୍ତ ତୁମେ ଯାହା ଚିନ୍ତା କରିଛ, ଯେତେବେଳେ ଯାହା ମାଗିଛ, ତାହା ମୁଁ ତୁମକୁ ଦେଇଛି। ତୁମେ ନିଜକୁ ସମାଜରେ ଯେପରି ଭାବେ ପ୍ରତିଷ୍ଠା କରି ପାରିଛ ସେ ସୁ ମୋର ଆଶୀର୍ବାଦ ବିନା ସମ୍ଭବ ନୁହେଁ। ତୁମେ ଯେଉଁ ତୁମର ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦକୁ ପୂରଣ କରିବାକୁ ଚାହୁଁଛ ତାହା ତୁମର ମନ, ବୁଦ୍ଧି, ଅହଂକାର ଦ୍ୱାରା ପୂରଣ ହୋଇପାରିବନାହିଁ। ତୁମେ ଓ ମୁଁ ଏକତ୍ରିତ ହେଲେ ହିଁ ହୃଦୟର ଶୂନ୍ୟସ୍ଥାନ ଓ ଆନନ୍ଦ ପୂରଣ ହୋଇପାରିବ। ସେତେବେଳେ ତୋର ଓ ମୋର ଭାବ ନଥିବ। ଦ୍ୱୈତ ଭାବ ଦୁଃଖ ଦିଏ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

# କୋସୋଭା ଟାସ୍କପୋର୍ସର ଷଡଯନ୍ତ୍ରକାରୀ

॥ ସୌମେନ୍ଦ୍ର ଜେନା ॥

ସିଆଇଓଜିସିର କେତେକ ସଦସ୍ୟ ଯେମିତି ଡକ୍ଟର ବାସମ ଓସମାନ ଇସ୍‌ନା ଶୁରାଇ ଜଣେ ସଦସ୍ୟ ଥିଲେ । ସେମିତି ଜାହିଦ ମୋହସିନ ଆଇସିଏନ୍‌ଏ ଚିକାଗୋର ଅଧ୍ୟକ୍ଷ ୪ବର୍ଷ ଧରି ରହିଥିଲେ । ଜକାତ ଚିକାଗୋର ସହଯୋଗୀ ସଂଗଠନ ସିଆଇଓଜିସି ଇଣ୍ଡିଆନ ମୁସଲିମ ରିଲିଫ ଏଣ୍ଡ ଚରିଟିଜର ଅଧ୍ୟକ୍ଷ ଶେଖ ମକସୁଦ କ୍ୱାଦ୍ରୀ ସହ ସାମିଲ ଥିଲା ।

କୋସୋଭା ଟାସ୍କ ଫୋର୍ସରେ ଥିବା ଅନ୍ୟ ଏକ ସଂଗଠନ ହେଉଛି ଇସଲାମିକ ମେଡିକାଲ ଆସୋସିଏସନ । ୧୯୬୭ରେ ଏହା ଆରମ୍ଭ ହୋଇଥିଲା । ପରେ ଏହାର ନାମ ଇସଲାମିକ ମେଡିକାଲ ଆସୋସିଏସନ୍ ଅଫ୍ ନର୍ଥ ଆମେରିକା (ଇମାନା)କୁ ପରିବର୍ତ୍ତିତ କରାଯାଇଥିଲା । ଏହା ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକାର ଖାସ୍ ସଦସ୍ୟମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ଯଦିଓ କୌଣସି ଇସଲାମିକ ମାନବାଧିକାର ଗୋଷ୍ଠୀ (ଆମେରିକାରେ କାର୍ଯ୍ୟରତ) ନିଜର ସଂପର୍କ ମୁସଲିମ ବ୍ରଦରହୁଡ ସହ ସିଧାସଳଖ ରହିଥିବା କଥା କହୁନାହାନ୍ତି, ତଥାପି ସେମାନେ ଏହାର ଶାଖା ସଂଗଠନ ଭାବେ କାର୍ଯ୍ୟ କରୁଛନ୍ତି । ଅନେକ ସଂଗଠନ ମିଶି ସମର୍ଥନ ମଧ୍ୟ କରୁଛନ୍ତି । ଯେମିତି ଇମାନା ଇସଲାମିକ ସୁରା କାଉନସିଲ ଏବଂ ଇସଲାମିକ ସୋସାଇଟୀ ଅଫ୍ ନର୍ଥ ଆମେରିକା (ଇସନା)ର ଦୃଷ୍ଟିକୋଣ ଅନୁଯାୟୀ କାର୍ଯ୍ୟକରେ । ଇସନା ଏକ ମୁସଲିମ ବ୍ରଦରହୁଡର ଶାଖା ସଂଗଠନ । ୨୦୦୦ବେଳକୁ ଇମାନା ସାରା ବିଶ୍ୱରେ ଇସଲାମର ପ୍ରଚାର ପ୍ରସାରକୁ ପ୍ରଶଂସା କରିବାକୁ ଆରମ୍ଭ କରିଥିଲା । ପାକିସ୍ଥାନର ଅଲ୍-ମୁସ୍ତଫା ୱେଲଫେୟାର ଟ୍ରଷ୍ଟର ବୈଚାରିକ ଦର୍ଶନରେ ଏହା କାର୍ଯ୍ୟକରେ ଯାହାକି ପାକ୍ ସେନାର କାର୍ଯ୍ୟକ୍ଷେତ୍ର ହୋଇଆସିଛି । ଇମାନାର ଜଣେ ନିର୍ଦ୍ଦେଶକ ଜାହିଦ ମହମ୍ମଦ ପୂର୍ବରୁ ପାକ୍ ନୌସେନାର ଅଧିକାରୀ ଥିଲେ ଏବଂ ପରେ ପାକ୍ ଇଣ୍ଟରନେସନାଲ ଏୟାରଲାଇନ୍ସରେ ମଧ୍ୟ କାର୍ଯ୍ୟ କରିଥିଲେ ।

ନଭେମ୍ବର ୨୦୦୮ରୁ ଅକ୍ଟୋବର ୨୦୧୭ ପର୍ଯ୍ୟନ୍ତ ଇମାନାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିବା ରସିଦ ଅହମ୍ମଦ ଏବେ ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲର କାର୍ଯ୍ୟନିର୍ବାହୀ ଅଧିକାରୀ ରହିଛନ୍ତି, ଯିଏକି ତ୍ରିପୁରା ହିଂସାକାଣ୍ଡ ବେଳେ ଦଙ୍ଗା କାଣ୍ଡ ପାଇଁ ଉସ୍‌କାଇଥିଲେ । ତେବେ ଇମାନା ଭାରତ ନାମରେ କୋଟି କୋଟି ଡଲାର ଚରିଆଡୁ ଚନ୍ଦା ସଂଗ୍ରହ କରିଛି । କୋରୋନା ସମୟରେ ଭାରତ ଯେଉଁସବୁ ରାଷ୍ଟ୍ରକୁ ଟୀକା ଯୋଗାଇଥିଲା ସେହିସବୁ ଦେଶରେ ପହଞ୍ଚି ଇମାନା ଭାରତ ପ୍ରତି ଥିବା ଶ୍ରଦ୍ଧାରୁ ବେଶ୍ ଫାଇଦା ଉଠାଇଛି । କୋରୋନା ସମୟରେ ଭାରତକୁ ସାହାଯ୍ୟ କରିବା ଆଳରେ 'ହେଲ୍‌ପ ଇଣ୍ଡିଆ ବ୍ରିଦ୍' ଅଭିଯାନ ଚଳାଇ ସଂସ୍ଥା ବେଶ୍ ଭଲ ଚନ୍ଦା ସଂଗ୍ରହ କରିଥିଲା । ଏହାଛଡା ଅଲ୍-ଖିଦମତ୍ ଫାଉଣ୍ଡେସନକୁ ଇମାନା ଅର୍ଥ ଯୋଗାଇ ଆସିଛି ,ଯାହା ଜେଲର ସେବା ସଂସ୍ଥା । ଅଲ୍ ଖିଦମତ ହିଜବୁଲ ମୁଜାହିଦ୍ଦୀନ ଏବଂ ହାମାସ ସନ୍ତ୍ରାସବାଦୀ ଗୋଷ୍ଠୀକୁ ଆର୍ଥିକ ସହାୟତା ଦେଇଥାଏ । କହିବା କଥା ହେଲା ଏହିସବୁ ସ୍ୱେଚ୍ଛାସେବୀ ସଂଗଠନ ଆଳରେ ଏମାନେ ବିଶ୍ୱବ୍ୟାପି ସନ୍ତ୍ରାସ ଏବଂ ମୌଳବାଦର ବୀଜବପନ କରିବାରେ ଲାଗିଛନ୍ତି । ଏମାନଙ୍କ ଇକୋ ସିଷ୍ଟମ ବା ଧରାଧରି ହୋଇ କାର୍ଯ୍ୟକରିବା ଶୈଳୀ ପ୍ରତି କେହି ପ୍ରଶ୍ନ କରୁନାହାନ୍ତି, ଯାହା ଗଣମାଧ୍ୟମରେ ଅଧିକ ହେବା ଦରକାର । ସାଧାରଣ ଲୋକେ ଏମାନଙ୍କ ଛଦ୍ମ ପରିଚୟ ସଂପର୍କରେ ଜାଣିଲେ ଆର୍ଥିକ ସହାୟତା କରିବାଠୁ ଦୂରେଇ ରହିବେ । ସେବା ଆଳରେ ସନ୍ତ୍ରାସର ଚରାରୋପଣକାରୀ ଏହିସବୁ ସଂଗଠନଗୁଡ଼ିକ ପ୍ରତି ସମସ୍ତେ ସାବଧାନ ରହିବା ନିହାତି ଜରୁରୀ ।

ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ସାପ କାମୁଡ଼ାରେ ଯୁବକ ମୃତ

ରାଜଗାଙ୍ଗପୁର, (ଅଟଳ ବିହାରି ପଣ୍ଡା) : ରାଜଗାଙ୍ଗପୁର ଥାନା କାଂଶବାହାଲ ଫାଣ୍ଡି କରଲାଖମନ ଗ୍ରାମରେ ଜଣେ ବ୍ୟକ୍ତି ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ମୃତକ ବ୍ୟକ୍ତି ଜଣକ ଉକ୍ତ ଗ୍ରାମର ଜୁଏଲ ଏକ୍କା (୪୮)। ସୂଚନା ମୁତାବକ ଗତ ରତ୍ରୀରେ ଜୁଏଲ ଘର ବାରଣ୍ଡାରେ ଏକ ଖଟିଆରେ ଶୋଇଥିବା ବେଳେ ମଧ୍ୟ ରାତ୍ରୀ ସମୟରେ ଏକ ବିଷଧର ସାପ ତାଙ୍କ ବାମ ହାତ କୁ କାମୁଡି ଦେଇଥିଲା । ସାପ କାମୁଡି ବା ପରେ ସେ ହଠାତ ଉଠି ଚିତ୍କାର କରିଥିଲେ । ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ନିକଟସ୍ଥ ଲାଇଙ୍ଗ ସିଏଚସି କୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ସ୍ଥିତ ଆରଜିଏଚ କୁ ସ୍ଥାନାନ୍ତର କରାଯାଇଥିଲା ।ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳୁ ତାଙ୍କ ମୃତ୍ୟୁ ଘଟିଛି । ଅଭିଯୋଗ ହେବା ପରେ କାଂଶବାହାଲ ଫାଣ୍ଡି ଅଧିକାରୀ ଏକ ଅପମୃତ୍ୟୁ ମାମଲା ରୁଜୁ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ।ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମୃତ ଜୁଏଲ ଜଣେ ପରୋଉପକାରୀ ବ୍ୟକ୍ତି ଥିଲେ । କାଂଶବାହାଲ ବା ଏହାର ଆଖପାଖ ଅଞ୍ଚଳରେ କୌଣସି ସଡକ ଦୁର୍ଘଟଣା ବା ଅଘଟଣ ହେଲେ ଜୁଏଲ ଲୋକଙ୍କ ସାହାଯ୍ୟ କରିବାକୁ ପହଞ୍ଚି ଯାନ୍ତି । ତାଙ୍କ ମୃତ୍ୟୁ ଖବର ଜଣା ପଡିବା ପରେ କାଂଶବାହାଲ ଓ ଆଖପାଖ ର ଅଞ୍ଚଳବାସୀ ଶୋକ ପ୍ରକାଶ କରିଛନ୍ତି।

## ନୂତନ ବସଷ୍ଟାଣ୍ଡ ସାଜିଛି ସର୍ଭିଶିଂ ସେଣ୍ଟର୍, ସବୁ ଜାଣି ପୌର ପରିଷଦ ହଉ ଜିଲ୍ଲା ପ୍ରଶାସନ କିଛି ପଦକ୍ଷେପ ନେଉନାହାନ୍ତି



ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ନୂତନ ବସ ଷ୍ଟାଣ୍ଡ ସାଜିଛି ସେର୍ଭିଶିଂ କେନ୍ଦ୍ର। ଯାହା ଫଳରେ ବସ ଷ୍ଟାଣ୍ଡ କାଦୁଅ ହଉଛି। ପାଣି ଜମୁଛି। ମଶା ମାଛି ଜମୁଛି। ଯାତାୟାତ ରେ ଯାତ୍ରୀ ନାହିଁ ନଥିବ। ଅସୁବିଧା ସମ୍ମୁଖୀନ ହଉଛି। ସବୁ ବସ ସକାଳ ହଉ ସନ୍ଧ୍ୟା ରେ ସଫା ଓ ପରିଷ୍କାର ପାଣି ଢାଳି ସଫା କରୁ ଛନ୍ତି ଯାହା ଫଳରେ ପାଣି ଜମୁଛି ଓ ଅପରିଷ୍କାର ହଉଛି। ଅନ୍ୟ ଜାଗାରେ ବସ ଧୋଇବା ବେ ବ ସ୍ଥା। ହୋଇ ପାରିଲେ ବସ ଷ୍ଟାଣ୍ଡ ସଫା ରହିବ ପାଣି ଜମିବ ନାହିଁ କାଦୁଅ ହେବ ନାହିଁ। ମଶା ମାଛି ଜମିବ ନାହିଁ। ସଫା ରହିବ। ରତ ସହିତ ସେଠାରେ ଥିବା ନାକକୁଅ ପାଖରେ ସର୍ ଫିଟ୍ ନଥିବାରୁ ପାଣି ନେଲା ବେଳେ ପାଣି ଜମୁଛି। ସେହି ଜାଗାରେ ସରଫିଟ ଆବଶ୍ୟକତା ରହିଛି ନହେଲେ ସଦାବେଳେ ବସ ଷ୍ଟାଣ୍ଡ କାଦୁଅ ହେବ ନିଶ୍ଚିତ। ଏଥି ପ୍ରତି ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ଧ୍ୟାନ ଦେଲେ ଯାତ୍ରୀ ଉପକୃତ ହୋଇ ପାରିବେ।

## ତହସିଲଦାରଙ୍କ ଦ୍ୱାରା ବେଆଇନ ବାଲି ଗାଡି ଜବତ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ଚୋରା ବାଲି ବେପାରୀଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଥିବା ବେଳେ ଏହା ଉପରେ ଶକ୍ତ ପ୍ରହାର କରିଛନ୍ତି ରାଇଘର ତହସିଲଦାର ।ଆକ୍ସନ ମୋଡରେ ରାଇଘର ତହସିଲଦାର ମନମୋହନ ସାହୁ। ବେଆଇନ ବାଲି ଉତ୍ତୋଳନ ଓ ଚୋରାଚାଲାଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ପଡୋଶୀ ରାଜ୍ୟ ଛତିଶଗଡ଼ ରୁ ବହୁ ମାତ୍ରାରେ ବାଲି ଆସୁଥିବା ବେଳେ ସୂଚନା ଅନୁସାରେ ରାଇଘର ତହସିଲଦାର ମନମୋହନ ସାହୁ ଶନିବାର ଅପରାହ୍ନ ୪ଟା ରେ ସମୟରେ ଶବ ବ୍ୟବଚ୍ଛେଦ ଗୃହ ର ନିକଟରେ ବାଲି ବୋଝେଇ ଦୁଇଟି ହାଇଓ୍ୱା ଗାଡି ସିଜୀ ୨୭ ଏନ ୪୪୩୫ ଓ ସିଜୀ ୦୪ ବିପି ୪୪୩୫ ନମ୍ବର ବିଶିଷ୍ଟ ହାଇଓ୍ୱା ଦୁଇ ଟି ବେଆଇନ ଭାବେ ବାଲି ଚାଲାଣ କରୁଥିବା ବେଳେ ଜବତ କରିଥିବା ଜଣାପଡିଛି। ଦୁଇଟା ହାଇଓ୍ୱା ଗାଡ଼ିକୁ ତିନି ତିନି ଲକ୍ଷ ର ଫାଇନ ଲାଗିଥିବା ବେଳେ ହାଇଓ୍ୱା ଗାଡ଼ି ଦୁଇଟି ରାଇଘର ଥାନାରେ ଅଟକ ରହିଛି। ବାଲି ମାଫିଆ ମାନେ ଦିନ ରାତି ଛତିଶଗଡ ରୁ ଆଣି ଗଚ୍ଛିତ ଭାବରେ ରଖି ତାହାକୁ ଗରିବ ଖଟିଖିଆ ଲୋକ କୁ ଚଢା ଦରରେ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି। କେତେକ ସରକାରୀ କର୍ମଚାରୀ ମାନେ ମଧ୍ୟ ଏହି ବ୍ୟବସାୟରେ ଜଡିତ ଥିବା ସାଧାରଣ ରେ ଚର୍ଚ୍ଚା ଜୋର ଧରିଥିବା ଦେଖିବାକୁ ମିଳିଛି।

## ବରାହ ଫାଁସରେ ପଡି ଚାଲିଗଲା ଗଦାଧରଙ୍କ ଜୀବନ

ପାଟଣାଗଡ, (ମହାଭାରତ) : ଘର ପାଖରେ ଥିବା ଚେକ୍ ଡ୍ୟାମ୍‌ରୁ ମାଛ ଧରିବାକୁ ଯାଇଥିବା ଜଣେ ଯୁବକ ଫେରିବା ବାଟରେ ପ୍ରାଣ ହରାଇଛନ୍ତି । ବରାହ ଫାଶରେ ପଡ଼ି ସେ ଜୀବନ ହାରିଛନ୍ତି । ତାଙ୍କର ମୃତ୍ୟୁ ପରେ ଶିକାରୀ ମାନେ, ତାଙ୍କ ମୃତଦେହକୁ ଜଙ୍ଗଲରେ ପୋତି ଦେଇଥିଲେ । ଏ ପରି ଏକ ଦୁଃଖଦ ଘଟଣା ଘଟିଛି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡର ଖପ୍ରାଖୋଲ ଥାନା ଅଧୀନ ନୂଆପାଲି ଜଙ୍ଗଲରେ ଏହି ଅଭାବନୀୟ ଅଘଟଣ ଘଟିଛି । ମୃତ ଯୁବକ ହେଲେ ଗଦାଧର ମଲ୍ଲିକ ବୟସ ୩୫ ହେବ । ପୁଲିସ କହିଛି କୁଠୁର୍ଲା ଗାଁର ଧରମ ମଲ୍ଲିକଙ୍କ ପୁଅ ଗଦାଧର ମଲ୍ଲିକ ଗତକାଲି ରାତିରେ ଘର ନିକଟସ୍ଥ ଚେକ୍ ଡ୍ୟାମ୍‌କୁ ମାଛ ଧରିବାକୁ ଯାଇଥିଲେ । ସେଠାରୁ ସେ ଫେରିବା ସମୟରେ ଘର ଠାରୁ ଅଳ୍ପ ଦୂରରେ ଏକ ବରାହ ଫାଶ ସଂସ୍ପର୍ଶରେ ଆସିଥିଲେ । ବରାହ ଫାଶରେ ବିଦ୍ୟୁତ ତାର ସଂଯୋଗ କରା ଯାଇଥିଲା । ଗଦାଧରଙ୍କ ମୃତ୍ୟୁ ପରେ ଶିକାରୀମାନେ ମୃତଦେହକୁ ନିକଟସ୍ଥ ନୂଆପାଲି ଜଙ୍ଗଲକୁ ନେଇ ପୋତି ଦେଇଥିଲେ । ତେବେ ସ୍ୱାମୀ ଆଜି ସକାଳ ସୁଦ୍ଧା ଘରକୁ ନଫେରିବାରୁ ଗଦାଧରଙ୍କର ସ୍ତ୍ରୀ ଯଶୋଦା ଭୁଏଙ୍କର ଚିନ୍ତା ବଢ଼ି ଯାଇଥିଲା । ଗାଁ ଲୋକେ ଘଟଣା ସଂପର୍କରେ ଜାଣିବା ପରେ ଏକ ବୈଠକ ମାଧ୍ୟମରେ ମାମଲାର ସମାଧାନ କରାଯିବା ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ଅଭିଯୁକ୍ତମାନେ ଗାଁ ଲୋକଙ୍କର କଥା ମାନି ନ ଥିଲେ । ଶେଷରେ ଯଶୋଦା ଭୁଏ ଥାନାରେ ଏତଲା ଦେଇଥିଲେ ।ଖପ୍ରାଖୋଲ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚିଥିଲା ।ଘଟଣାସ୍ଥଳ ରୁ ୨କିଲୋମିଟର ଦୂରରୁ ମୃତଦେହ ଜବତ କରିଥିଲା ପୋଲିସ । ଜଣେ ନାବାଳକ ସମେତ ୬ ଜଣଙ୍କୁ ଗିରଫ କରିଛି ।ପୁଲିସ କହିଛି, ଅଭିଯୁକ୍ତମାନେ ହେଲେ ଶ୍ରୀଧର ଭୁଏଙ୍କ ପୁଅ ଡିଲେଶ୍ୱର ଓରଫ ମଣ୍ଟୁ (୨୮), ମଣ୍ଟୁର ବଡ଼ଭାଇ ରାଜେଶ ଓରଫ ରାଜେଶ୍ୱର( ୩୫ ), ମଝିଆ ଭାଇ ଦୟା ଭୁଏ (୩୨), ସ୍ୱର୍ଗତ ପରୀକ୍ଷିତ ବରିହାଙ୍କ ପୁଅ ଦିନବନ୍ଧୁ ଭୁଏ (୩୦), ଡମ୍ବରୁଧର ଭୁଏଙ୍କ ପୁଅ କୃଷ୍ଣ ଭୁଏ (୩୦) ଏବଂ ଜଣେ ନାବାଳକ। ସମସ୍ତେ କୁଠୁର୍ଲା ବାସିନ୍ଦା ଅଟନ୍ତି ବୋଲି ପୋଲିସ କହିଛି । ସୂଚନା ଯୋଗ୍ୟ ଯେ ଖପ୍ରାଖୋଲ ଅଞ୍ଚଳରେ ବନ୍ୟଜନ୍ତୁ ଶିକାରୀଙ୍କର ପ୍ରାଦୁର୍ଭାବ ଦିନ କୁ ଦିନ ବଢ଼ି ବଢ଼ି ଚାଲିଛି । ବରାହ,କୁଟୁରା, ହରିଣ, ଠେକୁଆ ଆଦି ଶିକାର କରା ଯାଉଛି । ବନ ବିଭାଗ ପକ୍ଷରୁ ଅନେକ ସମୟରେ ଶିକାରୀମାନଙ୍କୁ ଗିରଫ କରା ଯାଉଛି । ତଥାପି ଶିକାରୀମାନଙ୍କର ପ୍ରାଦୁର୍ଭାବ ହ୍ରାସ ପାଉ ନାହିଁ ।

# ଏମ୍‌ଭି-୭୯ରେ ମିନି ବସ୍‌ଷ୍ଟାଣ୍ଡ ନିର୍ମାଣ



ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାର ସୀମାନ୍ତ ତଥା ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏମ୍‌ଭି-୭୯ (ରାମନଗର) ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇନଥିବାରୁ ସ୍ଥାନୀୟ ଲୋକ ଓ ହଜାର ହଜାର ଯାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରାୟ ଦୁଇ ଦଶନ୍ଧି ପୂର୍ବରୁ ଜମି ଅଧିଗ୍ରହଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରକଳ୍ପଟି କାର୍ଯ୍ୟକାରୀ ହୋଇନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଜାତୀୟ ରାଜପଥ-୩୨୬ ଉପରେ ଅବସ୍ଥିତ ଏମ୍ ଭି-୭୯ ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ଯାତାୟାତ କେନ୍ଦ୍ର ଭାବେ ପରିଚିତ। ଏହି ଅଞ୍ଚଳ ମାଲକାନଗିରି ଜିଲ୍ଲାକୁ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଛତିଶଗଡ଼ ସହ ସଂଯୋଗ କରୁଛି। ଏହି ମାର୍ଗ ଦେଇ ପ୍ରତିଦିନ ଭୁବନେଶ୍ୱର, ବ୍ରହ୍ମପୁର, ବିଶାଖାପାଟଣା, ହାଇଦ୍ରାବାଦ, ବିଜୟୱାଡା ସମେତ ବିଭିନ୍ନ ସହରକୁ ସରକାରୀ ଓ ବେସରକାରୀ ବସ୍ ଚଳାଚଳ କରୁଛି। ଅନେକ ଦୂରଗାମୀ ବସ୍ ଏଠାରେ ରାତ୍ରିକାଳୀନ ବିଶ୍ରାମ (ନାଇଟ୍ ହଲ୍ଟ) କରୁଥିଲେ ମଧ୍ୟ ଯାତ୍ରୀଙ୍କ ପାଇଁ ଆବଶ୍ୟକ ବସ୍‌ଷ୍ଟାଣ୍ଡ କିମ୍ବା ସୁବ୍ୟବସ୍ଥିତ ପ୍ରତୀକ୍ଷାଳୟର ଅଭାବ ରହିଛି।

ବର୍ତ୍ତମାନ ବସ୍‌ଗୁଡ଼ିକ ଜାତୀୟ ରାଜପଥ ଉପରେ ହିଁ ରହୁଥିବାରୁ ଅନ୍ୟ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ବିଶେଷକରି ବ୍ୟସ୍ତ ସମୟରେ ଟ୍ରାଫିକ୍ ଜଟିଳତା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢୁଛି। ଖରା, ବର୍ଷା ଓ ଶୀତ ଋତୁରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଖୋଲା ଆକାଶ ତଳେ ଠିଆ ହୋଇ ରହିବାକୁ ବାଧ୍ୟ ହେଉଥିବା ବେଳେ ମହିଳା, ବୃଦ୍ଧ ଓ ଶିଶୁମାନେ ସର୍ବାଧିକ ହଇରାଣ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବହୁ ବର୍ଷ ଧରି ଏଠାରେ ଏକ ମିନି ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଦୃଶ୍ୟମାନ ପଦକ୍ଷେପ ନିଆଯାଇନାହିଁ। ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ ଅପେକ୍ଷା ବ୍ୟବସ୍ଥା, ବସ୍ ଚାଳକ ଓ କର୍ମଚାରୀଙ୍କ ପାଇଁ ବିଶ୍ରାମ ସୁବିଧା ସହ ଅଞ୍ଚଳର ବ୍ୟବସାୟିକ ଓ ଆର୍ଥିକ ବିକାଶକୁ ମଧ୍ୟ ଗତି ମିଳିପାରିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଏହାସହ ଏଠାରେ ସରକାରୀ ଅର୍ଥରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ହୋଇଥିଲେ ମଧ୍ୟ ତାହାର ସଠିକ୍ ଉପଯୋଗ ହୋଇପାରୁନାହିଁ। ଯେଉଁ ସ୍ଥାନରେ ପ୍ରତୀକ୍ଷାଳୟ ନିର୍ମାଣ କରାଯାଇଛି, ସେଠାରେ ଅଧିକାଂଶ ବସ୍ ରହୁନଥିବାରୁ ଯାତ୍ରୀମାନେ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି। ଫଳରେ ସରକାରୀ ଅର୍ଥରେ ନିର୍ମିତ ଏହି ପ୍ରତୀକ୍ଷାଳୟ ପ୍ରାୟ ଅକାମୀ ହୋଇପଡ଼ିଛି।

ଦକ୍ଷିଣ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଟ୍ରାଞ୍ଜିଟ୍ ପଏଣ୍ଟ ଭାବେ ପରିଚିତ ଏମ୍‌ଭି-୭୯ରେ ଶୀଘ୍ର ଏକ ମିନି ବସ୍‌ଷ୍ଟାଣ୍ଡ, ସୁବ୍ୟବସ୍ଥିତ ଯାତ୍ରୀ ପ୍ରତୀକ୍ଷାଳୟ ବ୍ୟବସ୍ଥା ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି।

## ବଜ୍ରାଘାତରେ ମହିଳାଙ୍କ ମୃତ୍ୟୁ

ଲାଞ୍ଜିଗଡ଼, (ମହାଭାରତ) : ଆଜି ଅପରାହ୍ନରେ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରବଳ ଝଡ଼ ତୋଫାନ ଓ ବର୍ଷା ସହିତ ବଜ୍ରପାତ ହୋଇଥିବାବେଳେ ଏଥିରେ ଜଣେ ମହିଳା କନକ ବେହେରା (୪୯)ଙ୍କ ମୃତ୍ୟୁ ଘଟିଛି। କନକ ଆଜି ଅପରାହ୍ନରେ ଅନ୍ୟ ତିନିଜଣ ମହିଳାଙ୍କ ସହିତ ମିଶି ବିଶ୍ୱନାଥପୁରରୁ ନିଜ ଗାଁ ଦାରପଟାକୁ ଫେରୁଥିଲେ। ସେହି ସମୟରେ ବିଜୁଳି ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ଓ ଝଡ଼ ତୋଫାନ ହୋଇଥିଲା। ସେହି ସମୟରେ ହୋଇଥିବା ବଜ୍ରାଘାତରେ କନକଙ୍କ ପ୍ରାଣବାୟୁ ଉଡିଯାଇଥିଲା। ଏ ସମ୍ପର୍କରେ ଖବର ପାଇ ପରିବାର ଲୋକଙ୍କ ସହିତ ବିଶ୍ୱନାଥପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବିଶ୍ୱନାଥପୁର ଥାନାରେ ୦୩/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଲାଞ୍ଜିଗଡ଼ସ୍ଥିତ ଶବ ବ୍ୟବଚ୍ଛେଦ ଗୃହରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଗାଁରେ ଶବ ପହଞ୍ଚିବା ପରେ ଏକ ଶୋକାକୁଳ ପରିସ୍ଥିତିରେ ଦାହସଂସ୍କାର କରାଯାଇଛି। ମୃତ ମହିଳାଙ୍କ ପରିବାର ଅତ୍ୟନ୍ତ ଗରିବ ଓ ଅସହାୟ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ୨ ବର୍ଷ ପରେ ପୋଲିସ ଜାଲରେ ଫେରାର ଗଞ୍ଜେଇ ମାଫିଆ



ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଦୀର୍ଘ ଦୁଇ ବର୍ଷ ଧରି ପୋଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଜଣେ ଆନ୍ତଃଜିଲ୍ଲା ଗଞ୍ଜେଇ ଚାଲାଣକାରୀ ତଥା ଗାର୍ଡ଼ି ଚାଳକକୁ ଗିରଫ କରିବାରେ ବାଣିଗୋଛା ପୋଲିସ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳର ସନ୍ତୋଷ ଧଳଙ୍କ ପୁଅ ଦେବାଶିଷ ଧଳ।ସୂଚନା ଅନୁଯାୟୀ, ଗତ ୨୦୨୪ ମସିହାରେ କନ୍ଧମାଳ ଜିଲ୍ଲାରୁ ଏକ କାର୍ ଯୋଗେ ବାଣିଗୋଛା ଦେଇ ଭୁବନେଶ୍ୱରକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ବାଣିଗୋଛା ପୋଲିସ ଜଗି ରହି ସମ୍ପୃକ୍ତ କାରକୁ ଅଟକାଇଥିଲା। ତେବେ ପୋଲିସକୁ ଦେଖି କାର ଚାଳକ ଦେବାଶିଷ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ମଧ୍ୟ ଗାର୍ଡ଼ି ଭିତରେ ଥିବା ଜଣେ ମହିଳା ଗଞ୍ଜେଇ ଚାଲାଣକାରୀଙ୍କୁ ପୋଲିସ କାବୁ କରିଥିଲା। କାରରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯିବା ସହ ମହିଳା ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ପୋଲିସ ଜେରା ବେଳେ ମହିଳା ଜଣକ ଫେରାର ଡ୍ରାଇଭର ଦେବାଶିଷଙ୍କ ସମସ୍ତ ପରିଚୟ ଓ ଠିକଣା ପ୍ରଦାନ କରିଥିଲେ। ସେବେଠାରୁ ଦେବାଶିଷ ପୋଲିସ ଆଖିରେ ଧୂଳି ଦେଇ ଫେରାର ଥିଲେ। ଗତ ୧୧/୬/୨୦୨୬ ରିଖରେ ସେ ନିଜ ଗ୍ରାମରେ ଥିବା ନେଇ ବାଣିଗୋଛା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ତାଙ୍କୁ ନିଜ ଗ୍ରାମରୁ ଗିରଫ କରିବାରେ ସଫଳ ହୋଇଥିଲା। ବାଣିଗୋଛା ଥାନା କେସ୍ ନମ୍ବର ୨୯/୨୦୨୪, ଟ/୫ ୨୦(ଭ)(ସସ)(ଈ) ଘଉଚ୫ ଇମଶ୍ମ ବଳରେ ଅଭିଯୁକ୍ତ ଦେବାଶିଷଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ନେଇ ଏସ.ଆଇ ବିରେନ୍ଦ୍ର କୁମାର ଦେହୁରୀ ସୂଚନା ଦେଇଛନ୍ତି।

## ବିଷମକଟକ ବ୍ଲକ୍ ରୋଷେୟା ଓ ସେବାୟତ ସଂଘର ବୈଠକ



ବିଷମକଟକ, (ମହାଭାରତ) : ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଷମକଟକ ବ୍ଲକ୍ ରୋଷେୟା ତଥା ସେବାୟତ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକ୍ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ୍ ଅନ୍ତର୍ଗତ ୨୧ ଗୋଟି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀ ନିବାସରେ କାର୍ଯ୍ୟରତ ରୋଷେୟା ଓ ସେବାୟତ ଭାଇ ଓ ଭଉଣୀମାନେ ବହୁ ସଂଖ୍ୟାରେ ଏକାଠି ହୋଇ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସରକାର ଘୋଷଣା ଅନୁଯାୟୀ ଆସନ୍ତା ଜୁନ୍ ୧୮ ତାରିଖରେ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀ ନିବାସଗୁଡ଼ିକ ଖୋଲିବାକୁ ଥିବାରୁ, ସମସ୍ତ କର୍ମଚାରୀ ସଚେତନ ରହି ହଷ୍ଟେଲ ଓ ବିଦ୍ୟାଳୟ ପରିସରକୁ ସଫାସୁତୁରା ରଖିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ରାଜ୍ୟ ରୋଷେୟା ସେବାୟତ ସଂଘର ନିଷ୍ପତ୍ତି କ୍ରମେ, ୧୨.୦୪.୧୯୯୩ ମସିହାରୁ କାର୍ଯ୍ୟରତ ସମସ୍ତ ସି ଏଏ/ଏଲ୍ ସିସିଏ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଜୋରଦାର ଆହ୍ୱାନ କରାଯାଇଛି।

ସଂଘ ପକ୍ଷରୁ ମାସିକ ସ୍ଥାୟୀ ସଂଯୁକ୍ତ ପାଉଣା ୨୬,୦୦୦ ଟଙ୍କା ଦରମା ପ୍ରଦାନ ଏବଂ ୮ ଘଣ୍ଟାରୁ ଅଧିକ କାର୍ଯ୍ୟ କଲେ ଓଭରଟାଇମ୍ (ଅଧିକ ସମୟର ମଜୁରୀ) ଦେବା ପାଇଁ ଦାବି କରାଯାଇଛି। ଆଗାମୀ ବିଧାନସଭା ଅଧିବେଶନ ସମୟରେ ଏହି ଦାବି ପୂରଣ ନେଇ ସଂଘ ପକ୍ଷରୁ ବିଧାନସଭା ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ଅପରପକ୍ଷରେ, ନାନୀରିଗୁଡା ସେବା ଆଶ୍ରମରେ କାର୍ଯ୍ୟରତ ରୋଷେୟା ଶିବ ପ୍ରସାଦ ବେହେରାଙ୍କ ଅକାଳ ବିୟୋଗରେ ସଂଘ ପକ୍ଷରୁ ଗଭୀର ଦୁଃଖ ପ୍ରକାଶ କରାଯାଇଛି। ଖବର ପାଇ ବିଷମକଟକ ବ୍ଲକ୍ ମୁଖ୍ୟ ରୋଷେୟା ତଥା ସେବାୟତ ସଂଘର କର୍ମକର୍ତ୍ତାମାନେ ମୃତ ଶିବ ପ୍ରସାଦଙ୍କ ଶୋକାକୁଳ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ଆଶ୍ୱାସନା ପ୍ରଦାନ କରିଥିଲେ।

## କୋଟିଆ ଅଞ୍ଚଳରେ ହାତୀ ଆତଙ୍କ, ଲୋକଙ୍କୁ ସତର୍କ କରାଇଲା ବନବିଭାଗ

କୋରାପୁଟ, (ମହାଭାରତ) : କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳରେ ଦେଖାଦେଇଛି ହାତୀ ଆତଙ୍କ । ସୀମାନ୍ତ କୋଟିଆର ନେରେଡି ଓ୍ୱାଲସା ଗାଁ ନିକଟରେ ହାତୀ ପଲ ଦେଖାଦେବା ପରେ ଗ୍ରାମବାସୀ ଏକ ପ୍ରକାର ଭୟଭିତ । ଏକାସାଙ୍ଗରେ ୪/୫ ଟି ହାତୀ ରାସ୍ତା ଉପରେ ଯାଉଥିବା ବେଳେ ଏ ଅଞ୍ଚଳ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି । ତେବେ ବନ ବିଭାଗ ପକ୍ଷରୁ ଅଞ୍ଚଳରେ ନଜର ରଖା ଯାଇଥିବା ବେଳେ ୨୯ ଜଣିଆ ବନବିଭାଗ ଟିମ ଘଟଣା ସ୍ଥଳରେ ରହି ନଜର ରଖିଥିବା କହିଛନ୍ତି । କୋରାପୁଟ ଉରାଙ୍ଗ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ସହ ବିଶେଷ କରି ରାତିରେ କେହି ଘରୁ ନବାହାରିବାକୁ କହିଛନ୍ତି ।

## ବ୍ରହ୍ମପୁର ପୋଲିସ ଜିଲ୍ଲା ରେ ବଡ଼ ସଫଳତା: ୯୪ଟି ସ୍ମାର୍ଟଫୋନ୍ ଉଦ୍ଧାର



ଚିକିଟି, (ମହାଭାରତ) : ବ୍ରହ୍ମପୁର ଜିଲ୍ଲା ପୋଲିସ ଏବଂ ସାଇବର ଥାନାକୁ ମିଳିଛି ଏକ ବଡ଼ ସଫଳତା। ବ୍ରହ୍ମପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଶ୍ରବଣା ବିବେକ ଏମ୍ ଏବଂ ବ୍ରହ୍ମପୁର ସାଇବର ଥାନା ଅଧିକାରୀଙ୍କ ଉପସ୍ଥିତିରେ ବ୍ରହ୍ମପୁର ଜିଲ୍ଲା ରେ ଅଭିଯୋଗକାରୀଙ୍କୁ ସେମାନଙ୍କର ଫୋନ୍ ହସ୍ତାନ୍ତର କରାଯାଇଥିଲା। ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ପୋଲିସ ମୋଟ ୯୪ଟି ଦାମୀ ସ୍ମାର୍ଟଫୋନ୍ ଉଦ୍ଧାର କରିବାରେ ସଫଳ ହୋଇଥିବା ବେଳେ ଏହି ସମସ୍ତ ମୋବାଇଲ୍‌କୁ ସେଗୁଡ଼ିକର ପ୍ରକୃତ ଆବେଦନକାରୀଙ୍କୁ ଆଜି ଫେରସ୍ତ କରାଯାଇଥିବା ଜଣାପଡିଛି । ୯୪ଟି ସ୍ମାର୍ଟଫୋନ୍ ମଧ୍ୟରୁ ଆଇଫୋନ୍ ସମେତ ୬୧ଟି ଫୋନ୍ ଉପସ୍ଥିତ ଥିବା ଅଭିଯୋଗକାରୀଙ୍କୁ ସିଧାସଳଖ ପ୍ରଦାନ କରାଯାଇଥିବାବେଳେ ବାକି ରହିଯାଇଥିବା ୩୩ଟି ସ୍ମାର୍ଟଫୋନ୍‌କୁ କୋରିଅର କିମ୍ବା ବ୍ୟକ୍ତିଗତ ଯୋଗାଯୋଗ ମାଧ୍ୟମରେ ଅତିଶୀଘ୍ର ସେମାନଙ୍କ ମାଲିକମାନଙ୍କ ପାଖରେ ପହଞ୍ଚାଇ ଦିଆଯିବ ବୋଲି ବ୍ରହ୍ମପୁର ଏସପି ଶ୍ରବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଏହି ବର୍ଷ ଆରମ୍ଭରେ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ଏବଂ ସାଇବର ପୋଲିସ ଷ୍ଟେସନରେ ମୋବାଇଲ୍ ହରାଇବା ସମ୍ପର୍କିତ ଅନେକ ଅଭିଯୋଗ ମିଳିଥିଲା। ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ସାଇବର ପୋଲିସ ଷ୍ଟେସନ ପକ୍ଷରୁ ମେ ୨୦୨୬ ରୁ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ଅଭିଯାନରେ ଏକ ଟିମ୍ ଗଠନ ହୋଇଥିଲା ।ଏହି ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳରେ ଇନ୍ସପେକ୍ଟର ଶଙ୍କର ପଣ୍ଡା, ସୌମ୍ୟା ଜାଲି, ଗାୟତ୍ରୀ ଗୋଛାୟତ, କନଷ୍ଟେବଳ ଅଜିତ କୁମାର ଗୌଡ଼, ରାଜେନ୍ଦ୍ର କୁମାର ବେହେରା, ସନ୍ତୋଷ କୁମାର ଜେନା, ଡି.ଏମ୍. ଡୋରା, ଡି. ଗୌଡ଼ ସାମିଲ ଥିଲେ।ଏହି ସମସ୍ତ କାର୍ଯ୍ୟ ସେଣ୍ଟ୍ରାଲ୍ ଇକ୍ୱିପମେଣ୍ଟ ଆଇଡେଣ୍ଟିଟି ରେଜିଷ୍ଟର (ଉରଓଜ) ପୋର୍ଟାଲ୍ ମାଧ୍ୟମରେ କରାଯାଉଥିବା ଜଣାପଡିଛି । ହରାଇଥିବା ମୋବାଇଲ୍ ଗୁଡ଼ିକୁ ଟ୍ରେସ୍ ଏବଂ ଉଦ୍ଧାର କରିବା ପାଇଁ ସାଇବର ପୋଲିସ୍ ଟିମ୍ ଅତ୍ୟାଧୁନିକ ଟ୍ରାକିଂ କୌଶଳ ବ୍ୟବହାର କରିବା ସହ ମୋବାଇଲ୍ ସେବା ପ୍ରଦାନକାରୀ ସଂସ୍ଥା ଏବଂ ଅନ୍ୟାନ୍ୟ ବାହ୍ୟ ସଂସ୍ଥାଗୁଡ଼ିକ ସହ ମିଶି ନିବିଡ଼ ଭାବେ କାର୍ଯ୍ୟ କରିଥିଲେ। ପୋଲିସର ଏହି ଜନହିତକର କାର୍ଯ୍ୟକୁ ସାଧାରଣ ଜନତା ଏବଂ ମୋବାଇଲ୍ ଫେରି ପାଇଥିବା ବ୍ୟକ୍ତିମାନେ ବେଶ୍ ପ୍ରଶଂସା କରିଛନ୍ତି।

## ସଜନା ଛୁଇଁ ପାଇଁ ହତ୍ୟା, ୫ ଗିରଫ

ରାଜନଗର, (ମହାଭାରତ) :ସଜନା ଛୁଇଁ ପାଇଁ ମାରିଦେଲେ । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଇଶାଣୀପଲ୍ଲୀ ଗାଁରେ ସଜନା ତୋଳିବାକୁ ନେଇ ହତ୍ୟାକାଣ୍ଡ । ଦୁଇ ସମ୍ପର୍କୀୟ ପରିବାର ଭିତରେ ପାଟିତୁଣ୍ଡରୁ ହଣାକଟା ହୋଇଥିଲା । ଗୋଟିଏ ପରିବାର ଗୁଣ୍ଡା ଲଗାଇ ଅନ୍ୟ ପରିବାର ଉପରେ ଆକ୍ରମଣ କରିଥିଲା । କିନ୍ତୁ ହଣାକଟାରେ ଜଣେ ଭଡ଼ାଟିଆ ଆକ୍ରମଣକାରୀଙ୍କ ଜୀବନ ଯାଇଛି । ଏହି ଘଟଣାରେ ରାଜନଗର ପୋଲିସ ୨ଟି ମାମଲା ରୁଜୁ କରିବା ସହ ଉଭୟ ପକ୍ଷର ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆଉ କିଛି ଅଭିଯୁକ୍ତ ଫେରାର ଅଛନ୍ତି । ଅନ୍ୟ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବାନେଇ ରାଜନଗର ଆଇଆଇସି କହିଛନ୍ତି । ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା ।

## ବୈକୁଣ୍ଠନାଥ ବେହେରାଙ୍କୁ ଭିଜିଲାନ୍ସ ବାନ୍ଧିବା ପରେ ତାଙ୍କ ସହଯୋଗୀ ରାହୁଲ ସାହୁଙ୍କ ଆତ୍ମଗୋପନ

ବାଲିଗୁଡା, (ମହାଭାରତ) : ଆୟ ବହିଃଭୁତ ସଂମ୍ପତ୍ତି ଠୁଳ ଅଭିଯୋଗରେ ବାଲିଗୁଡା ଆଇଟିଡିଏ ସହକାରୀ ନିର୍ବାହି ଯନ୍ତ୍ରୀ ବୈକୁଣ୍ଠନାଥ ବେହେରାଙ୍କୁ ଭିଜିଲାନ୍ସ ବାନ୍ଧିଛି ।ବୈକୁଣ୍ଠନାଥଙ୍କ ଦୁର୍ନିତିର ଚେର ନବରଙ୍ଗପୁର ରୁ ଆରମ୍ଭ ହୋଇ ବାଲିଗୁଡା ପର୍ଯ୍ୟନ୍ତ ଲମ୍ବିଛି ।ବୈକୁଣ୍ଠନାଥଙ୍କ ଠାରୁ ଭିଜିଲାନ୍ସ ଟିମ୍ କୋଟିକୋଟି ଟଙ୍କା,ସୁନା ଗହଣା, ମୂଲ୍ୟବାନ ସାମଗ୍ରୀ ଓ ବହୁତଳ କୋଠା ଜବତ କରିଛି ।କିନ୍ତୁ ତାଙ୍କର କୋଟିକୋଟି ଟଙ୍କା, ସୁନା ଅଳଙ୍କାର, ବଡବଡ କୋଠା କରିବାରେ କେଉଁ ମାନେ ତାଙ୍କ ସହଯୋଗୀ ଥିଲେ ସେମାନଙ୍କୁ ଏବେ ଧରିବାକୁ ଖୋଜୁଛି ଭିଜିଲାନ୍ସ ।କୁହାଯାଉଛି ବୈକୁଣ୍ଠନାଥ ବେହେରାଙ୍କ ମୁଖ୍ୟ ଭାବେ ଜଣାଶୁଣା କଣ୍ଟ୍ରାକ୍ଟର ତଥା ଭେଣ୍ଡର ଦାରିଙ୍ଗବାଡିର ରାହୁଲ ସାହୁ ବୋଲି ଜଣାପଡିଛି ।ରାହୁଲ ସାହୁ ମାଧ୍ୟମରେ ବୈକୁଣ୍ଠନାଥ ରାହୁଲଙ୍କୁ କାମ ଯୋଗାଇ ତାଙ୍କ ଭେଣ୍ଡର ମାଧ୍ୟମରେ ନଗଦ କୋଟିକୋଟି ଟଙ୍କା ର କାରବାର କରୁଥିବା ଖବର ମିଳିଛି ।ଏହି ରାହୁଲ ସାହୁଙ୍କୁ ଦାରିଙ୍ଗବାଡି ଅଞ୍ଚଳର ଆଇଟିଡିଏ ର ବିଭିନ୍ନ ବଡବଡ ଆଶ୍ରମ ବିଲଡିଂ କାମ ଯୋଗାଇ ତାଙ୍କ ମାଧ୍ୟମରେ ନଗଦ କୋଟିକୋଟି ଟଙ୍କା ଆୟ କରୁଥିଲେ ବୈକୁଣ୍ଠନାଥ ବେହେରା ।ରାହୁଲ ସାହୁଙ୍କୁ ଗିରଫ୍ କରି ଭିଜିଲାନ୍ସ ବାନ୍ଧି ଜେରାକଲେ ରାହୁଲଙ୍କ ମାଧ୍ୟମରେ କେତେ କୋଟି ଟଙ୍କା ପାଇଛନ୍ତି ବୈକୁଣ୍ଠନାଥ ବେହେରା ଜଣାପଡିବ ।ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରାଙ୍କ ଠାରୁ କେତୋଟି କାମ ପାଇଛନ୍ତି ରାହୁଲ ସାହୁ ,ରାହୁଲ ସାହୁଙ୍କ ସଂମ୍ପତ୍ତି ,ସୁନା ଅଳଙ୍କାର,ଜମିବାଡୀ,ଘରଦ୍ୱାର ଓ ତାଙ୍କ ବନ୍ଧୁବାନ୍ଧବ ଙ୍କ ସଂମ୍ପତ୍ତି ବ୍ୟାଙ୍କ ଷ୍ଟେଟମେଣ୍ଟ ଭିଜିଲାନ୍ସ ଟିମ ତଡାଉ କରି ଯାଞ୍ଚ କଲେ ସବୁ ଗୁମର ଖୋଲିବ ବୋଲି ଚର୍ଚ୍ଚା ଜୋର ହେଉଛି ।ଯଦି ଭିଜିଲାନ୍ସ ରାହୁଲ ସାହୁଙ୍କୁ ନିଜ ହେପାଜତକୁ ନିଏ ସବୁ ଗୁମର ପଦାକୁ ଆସିବ ବୋଲି ଜଣାପଡ଼ିଛି ।ବୈକୁଣ୍ଠନାଥ ବେହେରାଙ୍କୁ ଭିଜିଲାନ୍ସ ବାନ୍ଧିବା ପରେ ଛାନିଆଁ ହୋଇ ଭୟରେ କେଉଁଠାରେ ଆତ୍ମଗୋପନ କରିଛି ବୈକୁଣ୍ଠନାଥ ବେହେରାଙ୍କ ମୁଖ୍ୟ ସହଯୋଗୀ କୁହାଯାଉଥିବା ରାହୁଲ ସାହୁ। ବୈକୁଣ୍ଠନାଥ ବେହେରାଙ୍କୁ ନଗଦ କଳା ଟଙ୍କା କାରବାର କେଉଁ ମାନଙ୍କ ମାଧ୍ୟମରେ ହେଉଥିଲା ତାଙ୍କ ସହଯୋଗୀ ମୁଖ୍ୟ ରାହୁଲ ସାହୁଙ୍କୁ ଭିଜିଲାନ୍ସ ବାନ୍ଧିବା ପରେ ସବୁ ଗୁମର ପଦାକୁ ଆସିବ ।ଦେଖିବାକୁ ବାକି ରହିଲା ଏହି ଖବର ପ୍ରସାରଣ ପରେ କେବେ ରାହୁଲ ସାହୁଙ୍କୁ ଭିଜିଲାନ୍ସ ବାନ୍ଧିବା ସହିତ ତାଙ୍କ ସମ୍ପତ୍ତି ଉପରେ ଯାଚଂ କରୁଛି।

## ୫କୋଟି ଟଙ୍କାର ବିଦ୍ୟୁତ୍ ପ୍ରକଳ୍ପ ଖତ ଖାଉଥିବା, ଦେଖି ବିଧାୟକ ତାଗିଦ୍ କଲେ



ପାରଳାଖେମୁଣ୍ଡି, (ମହାଭାରତ) : ବିଦ୍ୟୁତ ଗ୍ରାହକ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଗୋଟିଏ ଗୋଟିଏ ସବ ଷ୍ଟେସନରୁ ୬ ରୁ ୭ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇଛି ଫଳରେ ଲୋ ଭୋଲେ୍ଟଜ ଓ ଅତ୍ୟଧିକ ସରବରାହ ଯୋଗୁଁ ବାରମ୍ବାର ବିଦ୍ୟୁତ୍ କାଟ, ବିଶେଷ କରି ଗ୍ରୀଷ୍ମରେ ବିଦ୍ୟୁତ ସମସ୍ୟା ଦ୍ୱୀଗୁଣିତ କରିଛି। ଏହାର ସମାଧାନ ପାଇଁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଅତିରିକ୍ତ ନୂତନ ସବ ଷ୍ଟେସନ କାର୍ଯ୍ୟ ଆରମ୍ଭ ହୋଇଥିଲା। କିଛି ବର୍ଷ ମଧ୍ୟରେ ଅନେକ ସ୍ଥାନରେ ଏହି ସବୁ ବିଦ୍ୟୁତ ସବୁ ଷ୍ଟେସନ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ। ବର୍ତ୍ତମାନ ଏସବୁ ଠିକ ଭାବେ କାର୍ଯ୍ୟକ୍ଷମ କରା ନଯିବା ଫଳରେ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ ଅପରପକ୍ଷରେ ସରକାରଙ୍କ କୋଟି କୋଟି ଟଙ୍କାର ପ୍ରକଳ୍ପ ବ୍ୟବହାର ନ ହେଉଣୁ ନଷ୍ଟ ହେଉଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିଧାୟକ ରୁପେଶ ପାଣିଗ୍ରାହୀ।ସ୍ଥାନୀୟ ବିଧାୟକ ଏହି ପ୍ରକଳ୍ପ ପରିଦର୍ଶନ କରି ସ୍ଥିତି ପରଖିବା ସହ ତୁରନ୍ତ କାର୍ଯ୍ୟକ୍ଷମ ହେବା ନେଇ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ତେବେ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ନିମନ୍ତେ ଆବଶ୍ୟକ ଅଧିକ ଅନୁଦାନ ମଗାଯାଇଛି ତାହା ଆସିଲେ ଯଥା ଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ।

## ପାଖେଇ ଆସୁଛି ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା, ଜୁନ ୧୫ରୁ ୨୧ ଯାଏ ଅନୁଷ୍ଠିତ ହେବ ବିହାହ



ସମ୍ବଲପୁର, (ମହାଭାରତ) : ପାଖେଇ ଆସୁଛି ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା । ଜୁନ ୧୫ରୁ ୨୧ ଯାଏ ମହାଦେବ ଓ ମାତା ପାର୍ବତୀଙ୍କ ବିହାହ ଅନୁଷ୍ଠିତ ହେବ । ୧୬ ତାରିଖରେ ପତର ପେଣ୍ଡି ବା ମାତା ପାର୍ବତୀଙ୍କ ନିର୍ବନ୍ଧ ଉତ୍ସବ ଅନୁଷ୍ଠିତ ହେବ। ଜୁନ ୧୯ ମଧ୍ୟରାତ୍ରରେ ହେବ ବିବାହ। ମହାଦେବଙ୍କ ବିବାହ ପାଇଁ ମାଆ ପାର୍ବତୀଙ୍କ ଘର ଉତ୍ସବମୁଖର । ମୋଡିପଡ଼ା ଜାଗେଶ୍ୱର ବାବାଙ୍କ ଶ୍ୱଶୁର ଘର ଲୋକଙ୍କ ବିବାହ ପ୍ରସ୍ତୁତି ପର୍ବ ଅନ୍ତିମ ପର୍ଯ୍ୟାୟରେ । ଝିଅକୁ ଦେବା ପାଇଁ ସମସ୍ତ ଘର କରଣା ସାମଗ୍ରୀ କିଣା ସରିଛି । ଏଥର କନ୍ୟା ପିତାମାତା ରୂପରେ ସମ୍ବଲପୁର କୁମ୍ଭାରପଡ଼ାର ସୋନି ପରିବାର ଏହି ଦାୟିତ୍ୱ ତୁଲାଉଛନ୍ତି । ସୋନି ପରିବାରର କୌଣସି ଝିଅ ନାହିଁ। ଫଳରେ ମାଆ ପାର୍ବତୀଙ୍କ ବିବାହ ହେଉଛି ଏହି ପରିବାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଝିଅକୁ ବାହାଘରରେ ଦେବା ପାଇଁ ସୁନା ଠାରୁ ଆରମ୍ଭ କରି ରୂପା, କଂସା ବାସନ, ପଲଙ୍କ, ଗଦି କମଳ, ଜ୍ୱାଇଁ ପାଇଁ ସୁନା ଚେନ, ମୁକୁଟ ଓ ମୁଦି ଠାରୁ ଆରମ୍ଭ କରି ପାଟ ଶାଢୀ ମଧ୍ୟ କିଣା ସରଛି । କୌଣସି ଜିନିଷ ଯେପରି କମ୍ ନ ହୁଏ ସେଥିପ୍ରତି ପରିବାର ଲୋକେ ଦୃଷ୍ଟି ଦେଉଛନ୍ତି । ଝିଅ ବାହାଘର ପାଇଁ ମାତା ପାର୍ବତୀଙ୍କ ମାଆ ବେଶ ଖୁସି ଅଛନ୍ତି। ଦୀର୍ଘ ୨୦ବର୍ଷ ଅପେକ୍ଷା ପରେ ସେ ଏହି ସୁଯୋଗ ପାଇ ଥିବାରୁ ବେଶ ଖୁସି ବ୍ୟକ୍ତ କରିଛନ୍ତି ।

# ପାରାଦୀପ ମତ୍ସ୍ୟଜୀବୀ ସଂକଟରେ ! ଓଡିଶା ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରର ସୁରକ୍ଷା ସରକାରଙ୍କ ହସ୍ତକ୍ଷେପ ଦାବୀ କଲା ଓମ୍ଫା




ପାରାଦୀପ, (ମହାଭାରତ): ମତ୍ସ୍ୟଜୀବୀଙ୍କ ଜୀବିକା ସହ ଜଡିତ ଦୀର୍ଘଦିନର ସମସ୍ୟା ଗୁଡିକର ସମାଧାନ ନହେବା ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାରେ ସାମୁଦ୍ରିକ ମାଛଧରା କାର୍ଯ୍ୟକଳାପକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବର୍ଜନ କରିବାକୁ ଓଡିଶା ମେରାଇନ ଫିସ ପ୍ରଡ୍ୟୁସର୍ସ ଆସୋସିଏସନ (ଓମ୍ଫା) ସାଧାରଣ ବୈଠକରେ ନିଷ୍ପତି ହୋଇଛି । ଶନିବାର ପୂର୍ବାହ୍ନ ରେ ସଙ୍ଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଓମ୍ଫାର ସଭାପତି ଶ୍ରୀକାନ୍ତ ପରିଡା ସୂଚନା ଦେଇ କହିଥିଲେ ଯେ ଓମ୍ଫା ଓଡ଼ିଶାର ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ର, ବିଶେଷକାରି ପାରାଦୀପର ଅବନତିଶୀଳ ପରିସ୍ଥିତି ନେଇ ଗଭୀର ଚିନ୍ତା ପ୍ରକଟ କରିଛି । ଭାରତର ପୂର୍ବ ଉପକୂଳର ଅନ୍ୟତମ ବୃହତ୍ତମ ମତ୍ସ୍ୟ କେନ୍ଦ୍ର ଭାବେ ପରିଚିତ ପାରାଦୀପ ସମ୍ପ୍ରତି ଘୋର ଆର୍ଥିକ ଓ ପରିଚାଳନାଗତ ସଙ୍କଟ ଦେଇ ଗତି କରୁଛି । ସଙ୍ଘ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏହି ସମସ୍ୟା ଗୁଡିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି । ପାରାଦୀପ ସାମୁଦ୍ରିକ ମତ୍ସ୍ୟ ଶିଳ୍ପରେ ପ୍ରାୟ ୫୦ ହଜାର ମତ୍ସ୍ୟଜୀବୀ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜୀବିକା ନିର୍ବାହ କରି ଆସୁଛନ୍ତି । ଏଠାରେ ୬୩୪ ଯାନ୍ତ୍ରିକ ଓ ୧୫୮ଟି ମୋଟର ଚାଳିତ ନୌକା ରହିଛି, ଯାହା ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନିର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଓ ଭୂମିକା ରହିଛି । ତେବେ ବର୍ତ୍ତମାନ ମତ୍ସ୍ୟଜୀବୀ ମାନଙ୍କ ଆଗରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଡିଜେଲ ମୂଲ୍ୟର ଅହେତୁକ ବୃଦ୍ଧି । ସାଧାରଣରେ ଡିଜେଲ ଲିଟର ପିଛା ୧୦୧ ଟଙ୍କା ଥିବା ବେଳେ ଫିସିଙ୍ଗ ହର୍ବର ଉପଭୋକ୍ତା କେନ୍ଦ୍ରରେ ମତ୍ସ୍ୟଜୀବୀ ମାନଙ୍କୁ ୧୪୨ ଟଙ୍କା ପ୍ରତି ଲିଟର ଦରରେ ଡିଜେଲ କିଣିବାକୁ ବାଧ କରଯାଉଛି । ପ୍ରତି ଲିଟର ୪୦ ଟଙ୍କା ଅତିରିକ୍ତ ବ୍ୟୟ ମତ୍ସ୍ୟଜୀବୀ ଙ୍କ ପାଇଁ ଅସହ୍ୟ ହୋଇପଡିଛି । ଆନ୍ଧ୍ରପ୍ରଦେଶ ଓ ଗୁଜରାଟ ଭଳି ପଡୋଶୀ ରାଜ୍ୟର ମତ୍ସ୍ୟଜୀବୀ ମାନେ ବିଭିନ୍ନ ପ୍ରକାରର ଡିଜେଲ ସବସିଡି ଓ ଇନ୍ଧନ ସହାୟତା ପାଉଥିବା ବେଳେ, ଓଡିଶା ମତ୍ସ୍ୟଜୀବୀ ମାନେ ସମାନ ଅବଦାନ ସତ୍ୱେ ସେହି ସୁବିଧାରୁ ବଞ୍ଚିତ ରହିଛନ୍ତି । ସେହିପରି ବଢୁଥିବା ପରିଚାଳନା ଖର୍ଚ୍ଚ ଓ ହ୍ରାସ ପାଉଥିବା ଆୟ, ବାତ୍ୟା ଓ ମାଛଧରା ଉପରେ କଟକଣା, ପାରାଦୀପ ଉପକୂଳରେ ସାମୁଦ୍ରିକ ପ୍ରଦୂଷଣ ପାଇଁ ମତ୍ସ୍ୟ ଉତ୍ପାଦନରେ କ୍ଷତିଗ୍ରସ୍ତ କରିଛି । ତେବେ ସଂଘର ମୂଖ୍ୟ ଦାବୀ ମଧ୍ୟରେ ଫିସିଙ୍ଗ ହର୍ବର ଆଉଟଲେଟ ମାଧ୍ୟମରେ ସାଧାରଣ ଖୁଚୁରା ଦରରେ ଡିଜେଲ ଯୋଗାଣ, ବଲ୍କ ଇଣ୍ଡଷ୍ଟ୍ରିଆଲ ଡିଜେଲ ମୂଲ୍ୟ ବ୍ୟବସ୍ଥା ପ୍ରତ୍ୟାହାର, ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରକୁ କୃଷି କ୍ଷେତ୍ରର ସୁବିଧା ଓ ସୁରକ୍ଷା ପ୍ରଦାନ, ସମବାୟ ଉପଭୋକ୍ତା କେନ୍ଦ୍ର ମାଧ୍ୟମରେ ଖୁଚୁରା ଦରରେ ଡିଜେଲ ଯୋଗାଣ, ପାରାଦୀପ ଉପକୂଳରେ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କାର୍ଯ୍ୟକାରୀ ପଦକ୍ଷେପ, ସମସ୍ତ ଉପକୂଳ ରାଜ୍ୟର ମତ୍ସ୍ୟଜୀବୀ ଙ୍କ ପାଇଁ ସମାନ ଇନ୍ଧନ ସହାୟତା ଓ କଲ୍ୟାଣ ସୁବିଧା ସୁନିଶ୍ଚିତ କରିବା ପାଇଁ ଏକ ଜାତୀୟ ନୀତି ପ୍ରଣୟନ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ଉପସଭାପତି ମାନସ ରଞ୍ଜନ ପଡିହାରୀ ଓ ପ୍ରହଲ୍ଲାଦ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଚନ୍ଦ୍ର ଶେଖର ମହାନ୍ତି, ସଂଗଠନ ସମ୍ପାଦକ ବସନ୍ତ କୁମାର ମହାନ୍ତି, ସହ-ସମ୍ପାଦକ ସରୋଜ କୁମାର ବୋଇତେଇ ଓ ନିରଞ୍ଜନ ବେହେରା, କୋଷାଧ୍ୟକ୍ଷ ପୁରନ୍ଦର ବିଶ୍ୱାଳ ଙ୍କ ସମେତ ପାରମ୍ପରିକ ବୋଟ ମାଲିକ ନେତା ସୁବା ରାଓ ବାବୁ,ଟାଟା ବାବୁ, ଗୋନ୍ଦୁଡୁ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ଚକ୍ରଧରପୁରରେ ମଦମୁକ୍ତ ଅଭିଯାନ : ମହିଳାଙ୍କ ସପଥ, ଘରୁ ଆରମ୍ଭ ହେବ ସଚେତନତା



ପାରାଦୀପ, (ମହାଭାରତ) : ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଚକ୍ରଧରପୁର ଗ୍ରାମରେ ମଦମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଓ ମଦମୁକ୍ତ ଅଭିଯାନ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଦେବଦୂତ ସଡକ ବାହିନୀର ସଭାପତି ପଙ୍କଜ କୁମାର ତରାଇ ଏବଂ ସମାଜସେବୀ ପ୍ରଭାତ କୁମାର ବେହେରା ଯୋଗଦେଇ ମହିଳାମାନଙ୍କୁ ସଡକ ସୁରକ୍ଷା ଓ ନିଶାମୁକ୍ତ ଜୀବନ ସମ୍ପର୍କରେ ସଚେତନ କରିଥିଲେ। ବକ୍ତାମାନେ କହିଥିଲେ ଯେ, ସଡକ ଦୁର୍ଘଟଣାରେ ପ୍ରାଣ ହରାଉଥିବା ଅନେକ ଲୋକ ବିନା ହେଲମେଟରେ ଗାଡି ଚଳାଇବା ଏବଂ ନିଶାସକ୍ତ ଅବସ୍ଥାରେ ବାଇକ ଚାଳନା କରିବା ଭଳି ଅସାବଧାନତା କାରଣରୁ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷ କରି କଟକ-ପାରାଦୀପ ରାସ୍ତାରେ ଘଟୁଥିବା ଅନେକ ଦୁର୍ଘଟଣା ପଛରେ ମଦ୍ୟପାନ ଓ ବେପରୁଆ ଗାଡି ଚାଳନା ଏକ ପ୍ରମୁଖ କାରଣ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଚକ୍ରଧରପୁର ଗ୍ରାମର ଅବିନାଶ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାଳିଶିରୁ ଉର୍ଦ୍ଧ ମହିଳା ଯୋଗଦେଇଥିଲେ। ସମସ୍ତେ ନିଜ ନିଜ ପରିବାରରୁ ମଦମୁକ୍ତ ଅଭିଯାନ ଆରମ୍ଭ କରିବା ସହ ଗ୍ରାମରେ ମଦ ବିରୋଧୀ ସଚେତନତା ସୃଷ୍ଟି କରିବାକୁ ସପଥ ନେଇଥିଲେ। କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ଦଳାଇ, କଳ୍ପନା ମହାପାତ୍ର, ସରୋଜିନୀ ସାହୁ, ସୁମନ ମିଶ୍ରଙ୍କ ସମେତ ଗ୍ରାମର ବହୁ ମହିଳା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ମଦମୁକ୍ତ ସମାଜ ଗଠନ ପାଇଁ ଏପରି ପଦକ୍ଷେପକୁ ଉପସ୍ଥିତ ମହିଳାମାନେ ପ୍ରଶଂସା କରିବା ସହ ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବାକୁ ମତ ପ୍ରକାଶ କରିଥିଲେ।

## କେଗାଁ ମୁଖ୍ୟ ରାସ୍ତାରେ ବିଦେଶୀ ମଦ ଦୋକାନକୁ ବିରୋଧ

ଗୋଲାମୁଣ୍ଡା , (ମହାଭାରତ) : କଳାହାଣ୍ଡି ଜିଲ୍ଲା କେଗାଁ ଅଞ୍ଚଳରେ ଏକ ନୂତନ ବିଦେଶୀ ମଦ ଦୋକାନ ଖୋଲିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଦ ଦୋକାନ ଟି ମୁଖ୍ୟ ରାସ୍ତା କଡ଼େର ଖୋଲିବାକୁ ଯାଉଥିବାରୁ ଏହାକୁ ବିରୋଧ କରି ଗ୍ରାମବାସୀମାନେ ଧର୍ମଗଡ଼ ଉପ-ଜିଲ୍ଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କେଗାଁ ମୁଖ୍ୟ ରାସ୍ତା ପୋଲିସ ଫାଣ୍ଡି ନିକଟରୁ ବସ୍ତି ପର୍ଯ୍ୟନ୍ତ ଅଞ୍ଚଳରେ ଏହି ମଦ ଦୋକାନ ଖୋଲିବାକୁ ପ୍ରସ୍ତୁତି ଚାଲିଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ସ୍କୁଲ ଓ କଲେଜ ପଢୁଆ ଛାତ୍ରଛାତ୍ରୀ, ବ୍ୟାଙ୍କ କର୍ମଚାରୀ ଏବଂ ବିଭିନ୍ନ ଅଫିସକୁ କାମ ପାଇଁ ଯାଉଥିବା ସାଧାରଣ ଲୋକେ ଯିବା ଆସିବା କରିଥାନ୍ତି। ମଦ ଦୋକାନ ଖୋଲିବା ଫଳରେ ସେଠାରେ ମଦ୍ୟପଙ୍କ ଭିଡ଼ ଜମିବା ସହିତ ଏହା ଛାତ୍ରଛାତ୍ରୀ ଓ ମହିଳାମାନଙ୍କ ପାଇଁ ଅସୁରକ୍ଷିତ ହୋଇ ପଡ଼ିବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି।




ରାସ୍ତାରେ ମଦ ବୋତଲ ପଡ଼ିବା ଦ୍ୱାରା ଏହା ସାଧାରଣ ଜନଜୀବନ ଓ ଯାତାୟାତ ରେ ବାଧା ସୃଷ୍ଟି କରୁଥିବା ମଧ୍ୟ ଉଲ୍ଲେଖ ଅଛି। ସରକାରୀ ନିୟମ ଅନୁଯାୟୀ, ରାଜପଥ କିମ୍ବା ମୁଖ୍ୟ ରାସ୍ତା ଠାରୁ ମଦ ଦୋକାନ ନିର୍ଦ୍ଦିଷ୍ଟ ଦୂରତାରେ (୧୦୦ ମିଟର) ରହିବା କଥା କିନ୍ତୁ ଏଠାରେ ନିୟମକୁ ଉଲ୍ଲଂଘନ କରାଯାଇ ମୁଖ୍ୟ ରାସ୍ତା କଡ଼େର ହିଁ ଦୋକାନ ଖୋଲିବାକୁ ଯୋଜନା ହୋଇଛି। ଏଣୁ ଏହି ଦୋକାନକୁ ତୁରନ୍ତ ସ୍ଥାନାନ୍ତର କରି ଗ୍ରାମ ବାହାରେ ସ୍ଥାପନ କରିବା ପାଇଁ ଅଞ୍ଚଳବାସୀ ଏବଂ ମହିଳା ସଂଘ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ପ୍ରଶାସନ ଏହି ଗମ୍ଭୀର ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବ ବୋଲି ଗ୍ରାମବାସୀ ଆଶା ରଖିଛନ୍ତି।

## ସ୍ୱଚ୍ଛସାଥୀ ସୁମିତ୍ରା ସମ୍ବର୍ଦ୍ଧିତ

କୋଣାର୍କ,(ମହାଭାରତ) : କୋଣାର୍କ ଏନଏସି ସହରାଞ୍ଚଳରେ ବାସ କରୁଥିବା ଲୋକଙ୍କ ନିକଟରେ ବିଭିନ୍ନ ସରକାରୀ ଜନ କଲ୍ୟାଣକାରୀ ସେବା ଓ ସୁବିଧା ଗୁଡ଼ିକୁ ପହଞ୍ଚାଇ ସେମାନଙ୍କ ନିକଟରେ ଜନ ସଚେତନତା ସୃଷ୍ଟି କରି ନିଷ୍ଠାର ସହ ଉଦ୍ୟମ କରୁଥିବା କାରଣରୁ ସ୍ୱଚ୍ଛସାଥୀ ଭାବେ କାର୍ଯ୍ୟ କରୁଥିବା ସୁମିତ୍ରା ଶିକାରୀଙ୍କୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରଶଂସା ପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି ।ଭୁବନେଶ୍ୱରରେ ଗୃହ ଓ ନଗର ଉନ୍ନୟନ ବିଭାଗ, ଟାଟା ଷ୍କିଲ ଫାଉଣ୍ଡେସନ ମିଳିତ ଆନୁକୁଲ୍ୟରେ ଆୟୋଜିତ ସହଯୋଗ କର୍ମଶାଳାରେ ଏନେଇ ତାଙ୍କୁ ସମ୍ମାନୀତ କରାଯାଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀମତି ଉଷା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁମିତ୍ରାଙ୍କୁ ସମ୍ମାନିତ କରିଥିଲେ। ସୁମିତ୍ରା ଛାତ୍ରୀ ଜୀବନରୁ ଜଣେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରି ଆସୁଥିଲେ। ସ୍ୱଚ୍ଛ ଭାରତ ମିଶନ ଅଭିଯାନ ଅନୁଯାୟୀ ସେ କୋଣାର୍କ ଏନଏସି ରେ ସ୍ୱଚ୍ଛ ସାଥି ଭାବେ କାର୍ଯ୍ୟ କରି ସ୍ୱଚ୍ଛତା, ସଚେତନତା, ସର୍ବେକ୍ଷଣ, ସ୍ୱଚ୍ଛ କର ଓ ଜଳସେବା ଆଦି ଉପର କାର୍ଯ୍ୟ କରିବା ସହ ଲୋକଙ୍କ ନିକଟରେ ବିଭିନ୍ନ ସରକାରୀ ଜନ କଲ୍ୟାଣକାରୀ ସେବା ଓ ସୁବିଧା ଗୁଡ଼ିକୁ ପହଞ୍ଚାଇ ସେମାନଙ୍କ ନିକଟରେ ଜନ ସଚେତନତା ସୃଷ୍ଟି କରି ନିଷ୍ଠାର ସହ କାର୍ଯ୍ୟ କରିଥାନ୍ତି।

## ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଦୁଇ ପ୍ରକଳ୍ପ ଅଗ୍ରଗତିର ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ଛତ୍ରପୁର, (ମହାଭାରତ) : ଓଡିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ତଥା ଗଞ୍ଜାମଜିଲ୍ଲା ପ୍ରଭାରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଗଞ୍ଜାମ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଂସାରୀ ଗଣ୍ଡ ଓ ଗଙ୍ଗାପୁର ସ୍ଥିତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରଥମେ ଋଷିକୁଲ୍ୟା ନଦୀ ଉପରେ କଂସାରୀଗଣ୍ଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଏହାର ଭିତ୍ତିଭୂମି ତଦାରଖ କରିଛନ୍ତି । ଏହି ପ୍ରକଳ୍ପଟି ୧୮ ଅକ୍ଟୋବର ୨୦୨୨ ଆରମ୍ଭ ହୋଇଥିଲା ମାତ୍ର ୨୦୨୫ ମସିହା ଅକ୍ଟୋବର ମାସ ୧୭ ତାରିଖ ରେ ଶେଷ ହେବା ର ଥିଲା । ତେବେ ଏହାର ସମୟ ସୀମା ବୃଦ୍ଧି କରାଯାଇ ୨୦୨୭ ମସିହା ଅଗଷ୍ଟ ମାସ ୧ ତାରିଖ ସୁଦ୍ଧା ଶେଷ କରିବା ପାଇଁ ଧାର୍ଯ୍ୟ କରାଯାଇଛି । ଏହାକୁ ନିର୍ଦ୍ଧାରିତ ସମୟସୀମା ତଥା ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୧୫୨.୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପର କାର୍ଯ୍ୟ ଶେଷ ହେଲେ ୨ ଟି ସହରାଞ୍ଚଳ ସମେତ ୧୬ ଟି ଗ୍ରାମର ୧ ଲକ୍ଷ ୫୨ ହଜାର ୬୦୦ ଜନସାଧାରଣ ଉପକୃତ ହୋଇପାରିବେ । ପ୍ରାୟ ୨୦୪ ମିଟର ଦୈର୍ଘ୍ୟ ଜାଗାରେ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ଉଭୟ ଛତ୍ରପୁର ଓ ଗଞ୍ଜାମ ବ୍ଲକରେ ପାନୀୟ ଜଳ ଯୋଗାଣ ସାଙ୍ଗକୁ ଜଳସେଚନ ଆଦି କ୍ଷେତ୍ରରେ ମଧ୍ୟ ସୁବିଧା ହୋଇପାରିବ । ଏଣୁ ଏହି ପ୍ରକଳ୍ପ ଉପଯୋଗୀ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ । ସେହିପରି ଛତ୍ରପୁର ବ୍ଲକର ପୋଟଲାମପୁର ପଂଚାୟତ ଅନ୍ତର୍ଗତ ଗଙ୍ଗାପୁର ଠାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକୁ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ସୂଚନା ଯୋଗ୍ୟ ଯେ, ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ଛତ୍ରପୁର ବ୍ଲକର ସମସ୍ତ ପଂଚାୟତ ଓ ଗଞ୍ଜାମ ବ୍ଲକର ୨ ଟି ପଂଚାୟତ, ରଙ୍ଗେଇଲୁଣ୍ଡା ବ୍ଲକର ୩୧ଟି ପଂଚାୟତ ର ମୋଟ ୧୫୫ ଟି ଗ୍ରାମର ୩ ଲକ୍ଷ ୪୨ ହଜାର ୪୨୧ ଜନସାଧାରଣ ଉପକୃତ ହୋଇପାରିବେ । ଏହି ପ୍ରକଳ୍ପଟି ୨୦୨୧ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏହାର କାର୍ଯ୍ୟ ଏବେ ସୁଦ୍ଧା ଶେଷ ହୋଇପାରିନାହିଁ । ବହୁ ବିଳମ୍ବ ଘଟିଛି । ଏବେ ନୂତନ ସରକାର ଆସିବା ପରେ ଏହାର ସବୁ ଦିଗ ପ୍ରତି ଧ୍ୟାନ ଦିଆଯାଉଛି । ଏହି ପ୍ରକଳ୍ପ କୁ ଶୀଘ୍ର ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କ ଏହି ସମୀକ୍ଷା ବେଳେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ୍ ?, ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ବିଡିଓ ସମ୍ମିତ ସଂଗ୍ରାମଜିତ ସାହୁ ଓ ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଜାନୀଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ ।

## ଲୁଫଥାନ୍‌ସା ଫ୍ରାଙ୍କଫର୍ଟ-ହାଇଦ୍ରାବାଦ ବିମାନକୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ

ନୂଆଦିଲ୍ଲୀ : ଜର୍ମାନୀର ଫ୍ରାଙ୍କଫର୍ଟରୁ ହାଇଦ୍ରାବାଦକୁ ଉଡ଼ାଣ କରିଥିବା ଏକ ଲୁଫଥାନ୍‌ସା ବିମାନକୁ ଆଜି ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ମିଳିଛି। ଏକ ଇମେଲ୍ ଯୋଗେ ଆଜି ଏହି ଧମକ ମିଳିବାପରେ ସୁରକ୍ଷା ସଂସ୍ଥା ପକ୍ଷରୁ ଆବଶ୍ୟକୀୟ ସୁରକ୍ଷା ପଦକ୍ଷେପ ଗ୍ରହଣ ହୋଇଛି ଏବଂ ଅଧିକାରୀମାନେ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ ଶୁକ୍ରବାର ଦିନ ଲକ୍ଷ୍ନୌର ସିସିଏଆଇଏ ( ଚୌଧରୀ ଚରଣ ସିଂହ ଅନ୍ତର୍ଜାତୀୟ ବିମାନବନ୍ଦର)ରେ ଏକ ଇଣ୍ଡିଗୋ ବିମାନର ଲାଭାଟୋରିରେ ବୋମା ବିସ୍ଫୋରଣ ନେଇ ଏକ ଚିଠି ମିଳିବାପରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା । ଏହାପରେ ତୁରନ୍ତ ଯାତ୍ରୀମାନଙ୍କୁ ଖାଲି କରାଯାଇଥିଲା ଏବଂ ଭଲଭାବେ ସର୍ଚ୍ଚ ଅପରେସନ୍ କରାଯାଇଥିଲା। ଅହମଦାବାଦ-ଲକ୍ଷ୍ନୌ-ଦିଲ୍ଲୀ ରୁଟ୍‌ରେ ପରିଚାଳିତ ଇଣ୍ଡିଗୋ ବିମାନ ୬ଇ ୨୧୧୧ରେ ଏହି ଘଟଣା ଘଟିଛି। ଅଧିକାରୀମାନେ କହିଛନ୍ତି ଯେ, ବୋର୍ଡିଂ ଶେଷ ହୋଇ ସାରିଥିଲା ଏବଂ ବିମାନଟି ଦିଲ୍ଲୀକୁ ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବାବେଳେ ବିମାନ କର୍ମଚାରୀମାନେ ଲାବାଟୋରିରେ ଏକ ଟିସୁ ପେପର୍‌ରେ ବୋମା ଧମକ ଲେଖାଥିବା ଦେଖିଥିଲେ। ଗତକାଲି ପୂର୍ବାହ୍ନ ୧୧.୧୫ରେ ଏହି ଘଟଣା ଘଟିଥିଲା। ତେବେ ପରେ ଜଣାପଡ଼ିଲା ଯେ ଏହା ଏକ ମିଥ୍ୟା ଧମକ।

## ଟେକ୍ସାସରେ ଗଣଗୁଳିକାଣ୍ଡ, ଜଣେ ମୃତ, ୧୦ ଆହତ

ନୂଆଦିଲ୍ଲୀ : ଟେକ୍ସାସରେ ଆଜି ଗଣଗୁଳିକାଣ୍ଡ ହୋଇଛି ଏବଂ ଏଥିରେ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ପଶ୍ଚିମ ଟେକ୍ସାସ୍‌ର ତୈଳ ସହର ମିଡଲାଣ୍ଡ୍‌ରେ ଏହି ଘଟଣା ଘଟିଛି । ମିଳିଥିବା ସୂଚନାନୁଯାୟୀ ଗୁଳି ଚଳାଇଥିବା ବ୍ୟକ୍ତିର ପରେ ସୁରକ୍ଷାକର୍ମୀଙ୍କ ସହ ସଂଘର୍ଷରେ ମୃତ୍ୟୁ ହୋଇଯାଇଛି। ଗୁଳିକାଣ୍ଡ ସଂକ୍ରାନ୍ତରେ ଖବର ପାଇ ପୁଲିସ ଅଫିସରମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ ଏବଂ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଟେକ୍ସାସ ଡିପାର୍ଟମେଣ୍ଟ ଅଫ ପବ୍ଲିକ ସେଫ୍‌ଟି ଅଧିକାରୀମାନେ ଗୁଳି ଚଳାଇଥିବା ବ୍ୟକ୍ତିକୁ ଭିକ୍ଟର ମାଟା ଭିଲ୍ଲାରିଲ ବୋଲି ଚିହ୍ନଟ କରିଛନ୍ତି। ତା' ବୟସ ୪୫ ଏବ ସେ ନିକଟସ୍ଥ ଓଡ଼େଶା ବାସିନ୍ଦା। ଏହି ଗୁଳିକାଣ୍ଡ ପରେ ସୁରକ୍ଷାବାହିନୀ ପକ୍ଷରୁ ନିକଟସ୍ଥ ଅଞ୍ଚଳ ? ?ରେ ଲକଡାଉନ୍ ? କରାଯାଇଛି। ପ୍ରତ୍ୟକ୍ଷଦର୍ଶୀମାନେ ୪୦ରୁ ଅଧିକ ଥର ଗୁଳିମାଡ଼ ହୋଇଥିବା ଶୁଣିଛନ୍ତି। ଏହି ଘଟଣାରେ ୧୦ ଜଣ ଆହତଙ୍କୁ ଚିକିତ୍ସା କରାଯାଉଛି। ୪ ଜଣଙ୍କର ତୁରନ୍ତ ଇମର୍ଜେନ୍ସି ଅପରେସନ୍ ଦରକାର ପଡ଼ିଥିବା ବେଳେ ଅନ୍ୟ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି।

## ହର୍ମୁଜ୍ ନିକଟରେ ଭାରତୀୟ ଜାହାଜ ଉପରେ ଆକ୍ରମଣ ଖବର ମିଛ

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବେ ପୁଣିଥରେ ଭୟଙ୍କର ରୂପ ନେଇଥିବାବେଳେ ଗତ କିଛି ଦିନ ଧରି ବିବାଦୀୟ ହର୍ମୁଜ ପ୍ରଣାଳୀରେ ଲଗାତାର ଭାବେ ଜାହାଜ ଗୁଡ଼ିକ ଉପରେ ଆକ୍ରମଣ ହେଉଛି । ଗତ ଗୋଟିଏ ସପ୍ତାହ ମଧ୍ୟରେ ଭାରତୀୟ ନାଗରିକ ଥିବା ୩ଟି ଜାହାଜ ଉପରେ ଓମାନ୍ ଉପକୂଳ ନିକଟରେ ଆକ୍ରମଣ ହୋଇଥିଲା। ଆଜି ପୁଣିଥରେ ଭାରତୀୟ ନାଗରିକ ଥିବା ଏକ ଚତୁର୍ଥ ଜାହାଜ ଉପରେ ହର୍ମୁଜ ପ୍ରଣାଳୀ ନିକଟରେ ଆକ୍ରମଣ ହୋଇଛି ବୋଲି ଦାବି ହୋଇଥିଲା। କିନ୍ତୁ ବିଦେଶ ବ୍ୟାପାର ମନ୍ତ୍ରାଳୟ (ଏମ୍‌ଇଏ) ଏହି ଖବରକୁ ଖଣ୍ଡନ କରିଛନ୍ତି । ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଜାହାଜ ମାଷ୍ଟରଙ୍କ ସହ ଆମେ କଥା ହୋଇଛୁ। ସମସ୍ତ ଜାହାଜ କର୍ମଚାରୀ ସୁରକ୍ଷିତ ଅଛନ୍ତି ବୋଲି ମନ୍ତ୍ରାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିଦେଶ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର କହିଛନ୍ତି, ଲିଆକି ଫ୍ରିଡମ୍ ଜାହାଜର ମାଷ୍ଟରଙ୍କ ସହ ଆମେ କଥା ହୋଇଛୁ। ସେ ସ୍ପଷ୍ଟ କରିଛନ୍ତି ଯେ ଜାହାଜରେ ଥିବା ସମସ୍ତ କର୍ମଚାରୀ ସୁରକ୍ଷିତ ଅଛନ୍ତି ଏବଂ ଆକ୍ରମଣ ଖବର ମିଛ। ଏକ ବୈଶ୍ୱିକ ନାବିକ ସଂଗଠନ ଏଫଏସ୍‌ୟୁଆଇ (ଫରୱାର୍ଡ ସିମେନ୍‌ସ ୟୁନିଅନ ଅଫ ଇଣ୍ଡିଆ ମଧ୍ୟ ସ୍ପଷ୍ଟ କରିଛି ଯେ କୌଣସି ଜାହାଜ ଉପରେ ଆକ୍ରମଣ ହୋଇନାହିଁ। ଏଫ୍‌ଏସୟୁଆଇ ଦ୍ୱାରା ସେୟାର କରାଯାଇଥିବା ଏକ କ୍ଲିପ୍‌ରେ ଜଣେ ଅଧିକାରୀ ଲିଆକି ଫ୍ରିଡମ୍ ଜାହାଜ କର୍ମଚାରୀଙ୍କୁ ପଚାରୁଛନ୍ତି, ସାର୍ କ'ଣ ହେଲା। ସବୁ କିଛି ଠିକ୍ ଅଛି ତ। ଏହାର ଉତ୍ତର ମିଳିଥିଲା, ସବୁ ଠିକ୍ ଅଛି, ନିଆଁ ଲାଗି ନାହିଁ। ଉଲ୍ଲେଖଯୋଗ୍ୟ ଜୁନ ୮ ତାରିଖରୁ ଭାରତୀୟ ଜାହାଜ କର୍ମଚାରୀ ଥିବା ୩ଟି ଜାହାଜ ଉପରେ ଆମେରିକା ସେନା ଦ୍ୱାରା ଆକ୍ରମଣ କରାଯାଇଛି।

## ମୁଖ୍ୟମନ୍ତ୍ରୀ ନାଇଡୁ ଏବଂ ପୁଅ ନାରା ଲୋକେଶଙ୍କ ଡିପଫେକ୍ ଭିଡିଓ ପୂର୍ବତନ ସୈନିକଙ୍କଠାରୁ ଠକିନେଲେ ୮୦ ହଜାର ଟଙ୍କା

ନୂଆଦିଲ୍ଲୀ : ଜଣେ ପୂର୍ବତନ ସୈନିକଙ୍କୁ ଏକ ଡିପ୍ ଫେକ୍ ଭିଡିଓ କଲ୍ ମାଧ୍ୟମରେ ବିଶାଖାପାଟଣାରେ ୮୦ ହଜାର ଟଙ୍କା ଠକେଇ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଏହି ଠକମାନେ ନିଜକୁ ରାଜନେତା ବୋଲି ପରିଚୟ ଦେଇ ଭିଡିଓ କଲ୍ କରିଥିଲେ ଏବଂ ସରକାରୀ ହସ୍ତକ୍ଷେପ ମାଧ୍ୟମରେ ତାଙ୍କର ବିଚାରାଧୀନ ଟିକସ ମାମଲା ଏବଂ ଏକ ସାର୍ବଜନୀନ ପାର୍କର ବିକାଶ ସହିତ ଜଡିତ ଦାବିଗୁଡ଼ିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କଲ୍‌ଟି ପ୍ରକୃତରେ ରାଜନେତାଙ୍କ ଦ୍ୱାରା ହୋଇଥିବା ବିଶ୍ୱାସ କରି, ପ୍ରକ୍ରିୟା ଜାରି ରଖିବା ପାଇଁ ତାଙ୍କୁ ଶୁଳ୍କ ଦେବାକୁ କୁହାଯାଇଥିଲା। ସେ ଠକ ବ୍ୟକ୍ତିଙ୍କୁ ବିଶ୍ୱାସ କରି ସେ ୟୁପିଆଇ କାରବାର ମାଧ୍ୟମରେ ୮୦ ହଜାର ଟ୍ରାନ୍ସଫର କରିଥିଲେ। ଟଙ୍କା ପାଇବା ପରେ ତୁରନ୍ତ ଠକ ବ୍ୟକ୍ତି ଅନ୍ୟ ଅନେକ ପ୍ରତିଶ୍ରୁତି ଦେଇଥିବା ଅଭିଯୋଗ ହୋଇଛି। ଏହା ପରେ ସେ ତାଙ୍କ ପତ୍ତା ପାଇପାରି ନାହାନ୍ତି। ଏହି ଘଟଣା ପୁଣି ଥରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଅପବ୍ୟବହାର ବିଷୟରେ ଚିନ୍ତା ସୃଷ୍ଟି କରିଛି। ୪୪ ବର୍ଷୀୟ ବୋଡିରେଡ୍ଡି ଶ୍ରୀନିବାସ ରେଡ୍ଡିଙ୍କ ଅଭିଯୋଗ ଆଧାରରେ ସାଇବର କ୍ରାଇମ୍ ପୁଲିସ ଏକ ମାମଲା ରୁଜୁ କରିଛି। ଶ୍ରୀନିବାସ ରେଡ୍ଡୀ ଅଭିଯୋଗ କରିଛନ୍ତି ଯେ, ଜଣେ ଠକ ପ୍ରଭାବଶାଳୀ ରାଜନେତା ଏବଂ ସରକାରୀ ଅଧିକାରୀଙ୍କ ଛଦ୍ମବେଶରେ ହ୍ୱାଟ୍ସଆପ୍ କଲ୍, ନକଲି ସ୍କ୍ରିନସଟ୍ ଏବଂ ଏଆଇ ଭିଡିଓ ମାଧ୍ୟମରେ ତାଙ୍କଠାରୁ ୮୦ ହଜାର ଟଙ୍କା ଠକି ନେଇଛନ୍ତି। ତାଙ୍କ ଅଭିଯୋଗରେ ସେ କହିଛନ୍ତି ଯେ, ଠକ ହ୍ୱାଟ୍ସଆପ୍ କଲ୍‌ରେ ପୂର୍ବତନ ମନ୍ତ୍ରୀ ଏବଂ ବରିଷ୍ଠ ଟିଡିପି ନେତା ଦେବିନେନୀ ଉମାଙ୍କ ଭାବେ ନିଜକୁ ପରିଚୟ ନେଇଥିଲେ। ତାଙ୍କ ପ୍ରୋଫାଇଲରେ ତାଙ୍କର ଫଟୋ ମଧ୍ୟ ଦେବିନେନୀଙ୍କ ପରି ଥିଲା। ଠକ ବ୍ୟକ୍ତି ଶ୍ରୀନିବାସଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ରାଜନେତା ଏବଂ ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତାର ନକଲି ସ୍କ୍ରିନସଟ୍ ଦେଖାଇଥିଲେ। ସେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏବଂ ମନ୍ତ୍ରୀ ନାରା ଲୋକେଶଙ୍କ ପରି ଦେଖାଯାଉଥିବା ଲୋକଙ୍କଠାରୁ ଭିଡିଓ କଲ୍ ପାଇଥିଲେ। ତଦନ୍ତକାରୀମାନେ ଏବେ ସନ୍ଦେହ କରୁଛନ୍ତି ଯେ, ଏହି ଭିଡିଓଗୁଡ଼ିକ ସେଲିବ୍ରିଟିମାନଙ୍କ ଲୁକ୍ ଏବଂ ଆଚରଣକୁ ନକଲ କରିବା ପାଇଁ ଡିପ୍ ଫେକ୍ ଟେକ୍ନୋଲୋଜି ବ୍ୟବହାର କରି ସୃଷ୍ଟି କରାଯାଇପାରେ।

# ପିଓକେରେ ବ୍ୟାପକ ବିଦ୍ରୋହ: ସେନା ସହ ସଂଘର୍ଷରେ ୫୩ ମୃତ

ଇସଲାମାବାଦ: ପିଓକେ (ପାକ୍ ଅଧିକୃତ କାଶ୍ମୀର) ରେ ପାକିସ୍ତାନ ଓ ଚୀନର ଅବୈଧ ଦଖଲ ବିରୋଧରେ ଏକ ଐତିହାସିକ ତଥା ବିଶାଳ ଜନ ଆନ୍ଦୋଳନ ଆରମ୍ଭ ହୋଇଛି। ଆୱାମୀ ଆକ୍ସନ କମିଟିର ନେତୃତ୍ୱରେ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରଦର୍ଶନ କରାଯାଉଛି। ଆନ୍ଦୋଳନକାରୀମାନେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଓ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିବା ସହ ସେମାନଙ୍କୁ ଆତଙ୍କବାଦୀ ଘୋଷଣା କରି ଖୋଲାଖୋଲି ନାରାବାଜି କରୁଛନ୍ତି। ୧୯୪୭ ମସିହାରେ ଆଦିବାସୀ ଆକ୍ରମଣକାରୀଙ୍କ ଦ୍ୱାରା ଏହି ଜମିକୁ ବେଆଇନ ଭାବେ ଦଖଲ କରାଯାଇଥିବା କଥାକୁ ଆୱାମୀ ଆକ୍ସନ କମିଟି ପୁଣି ଥରେ ଦୋହରାଇଛି। ଏହି ପ୍ରତିବାଦରେ ପ୍ରଥମ ଥର ପାଇଁ ଗିଲଗିଟ୍-ବାଲ୍‌ଟିସ୍ତାନ, ଲଦାଖ ଏବଂ ଜମ୍ମୁର ଲୋକମାନେ ଏକାଠି ହୋଇ ଏକଜୁଟତା ପ୍ରଦର୍ଶନ କରିଛନ୍ତି।



ସୁରକ୍ଷାକର୍ମୀଙ୍କ ସହ ହୋଇଥିବା ଏହି ହିଂସାତ୍ମକ ସଂଘର୍ଷରେ ଏପର୍ଯ୍ୟନ୍ତ ୫୩ ଜଣ ପ୍ରାଣ ହରାଇଥିଲେ ମଧ୍ୟ ରାୱାଲାକୋଟ୍ ସମେତ ବିଭିନ୍ନ ଅଞ୍ଚଳର ଲୋକମାନେ ନିଜ ଜିଦରେ ଅଟଳ ରହି ଆନ୍ଦୋଳନ ଜାରି ରଖିଛନ୍ତି। ପାକିସ୍ତାନୀ ସେନାର ନିଷ୍ଠୁର ଶାସନ ଏବଂ ଅତ୍ୟାଚାର ବିରୁଦ୍ଧରେ ଜନସାଧାରଣଙ୍କ କ୍ରୋଧ ଏବେ ଏକ ପୂର୍ଣ୍ଣାଙ୍ଗ ବିଦ୍ରୋହର ରୂପ ନେଇଛି। ତେବେ ଆନ୍ଦୋଳନର ରଣନୀତିକୁ ନେଇ ଆୱାମୀ ଆକ୍ସନ କମିଟିର ଶୀର୍ଷ ନେତାଙ୍କ ମଧ୍ୟରେ ମତଭେଦ ଦେଖାଦେଇଛି। ଜଣେ ନେତା ସର୍ଦ୍ଦାର ଅମାନ ଖାନ ଏବଂ ଖ୍ୱାଜା ମେହରାନ ପାକିସ୍ତାନୀ ସେନା ବିରୁଦ୍ଧରେ ଶେଷ ପର୍ଯ୍ୟନ୍ତ ଆରପାର ଲଢ଼େଇ କରିବାକୁ ଘୋଷଣା କରିଥିବା ବେଳେ, ଅନ୍ୟପକ୍ଷରେ ଉମର ନାଜିର ଏବଂ ଶୌକତ ନୱାଜ ମୀର ଆଲୋଚନା ମାଧ୍ୟମରେ ସମସ୍ୟାର ଏକ ଶାନ୍ତିପୂର୍ଣ୍ଣ ସମାଧାନ ଖୋଜିବାକୁ ଚେଷ୍ଟା କରୁଛନ୍ତି। ପ୍ରଦର୍ଶନକାରୀମାନେ ପାକିସ୍ତାନ ସରକାରଙ୍କ ଆଗରେ ଦୁଇଟି ପ୍ରମୁଖ ଦାବି ରଖି ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ପ୍ରଥମ ଦାବି ଅନୁଯାୟୀ ପିଓକେ ମଧ୍ୟରେ ଥିବା ୧୨ଟି ତଥାକଥିତ ଶରଣାର୍ଥୀ ଶିବିରକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଉ, ଯାହାକୁ ସ୍ଥାନୀୟ ଜନସାଧାରଣ ଦୀର୍ଘ ଦିନରୁ ପ୍ରତ୍ୟାଖ୍ୟାନ କରିଆସୁଛନ୍ତି। ଦ୍ୱିତୀୟ ଦାବି ଅନୁଯାୟୀ ପିଓକେର ନିର୍ବାଚିତ ନେତାମାନଙ୍କ ଶପଥ ଗ୍ରହଣ ଫର୍ମାଟରେ ପରିବର୍ତ୍ତନ କରାଯାଉ, ଯେଉଁଠି ନେତାମାନେ ପାକିସ୍ତାନ ପ୍ରତି ଆନୁଗତ୍ୟ ପ୍ରକାଶ ନକରି, ମୂଳ ଜମ୍ମୁ ଓ କାଶ୍ମୀରର ଏକତା ପ୍ରତି ପ୍ରତିବଦ୍ଧତା ରଖି ଶପଥ ନେବେ। ପ୍ରତିବାଦକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ପିଓକେ କେବେ ମଧ୍ୟ ପାକିସ୍ତାନର ଅଂଶ ହୋଇନାହିଁ କିମ୍ବା କେବେ ହେବ ନାହିଁ। କାଶ୍ମୀରରେ ଗୋଟିଏ ବି ଜୀବନ ହାନି ହେଲେ ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ୫୩ ଜଣଙ୍କ ମୃତ୍ୟୁ ପରେ ମଧ୍ୟ ଆନ୍ଦୋଳନ କମିବା ବଦଳରେ ପାକିସ୍ତାନ ସରକାରଙ୍କ ବିରୁଦ୍ଧରେ ଦିନକୁ ଦିନ ଅଧିକ ତୀବ୍ର ହେବାରେ ଲାଗିଛି।

## ସିବିଟି ମୋଡରେ ହେବ ରେଲୱେ ପରୀକ୍ଷା

ନୂଆଦିଲ୍ଲୀ : ରେଲୱେର ସମସ୍ତ ବିଭାଗୀୟ ଭର୍ତ୍ତି ପରୀକ୍ଷା ଏବେ ସିବିଟି ମୋଡରେ ହେବ । ନିଟ୍‌ରେ ବ୍ୟାପକ ତ୍ରୁଟି ପରେ ଏବେ କେନ୍ଦ୍ର ସରକାର ସତର୍କ ହୋଇଛନ୍ତି । ନିଯୁକ୍ତି ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା, ସଠିକତା ଉପରେ ଜୋର ଦେଇଛି ରେଲୱେ। ଏଣିକି ସମସ୍ତ ବିଭାଗୀୟ ପରୀକ୍ଷା ବର୍ତ୍ତମାନ ଉଇଞ୍ଜ ବା କମ୍ପ୍ୟୁଟର ଆଧାରିତ ପରୀକ୍ଷା ମାଧ୍ୟମରେ ହେବ । ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସମସ୍ତ ବିଭାଗୀୟ ପରୀକ୍ଷା କମ୍ପ୍ୟୁଟର ଆଧାରିତ ପରୀକ୍ଷାରେ ହେବ । ଟ୍ୟାବଲେଟ୍ ଆଧାରିତ ପରୀକ୍ଷା ବ୍ୟବସ୍ଥାକୁ ବିସ୍ତାର କରାଯିବ । ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରେଳମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ସମସ୍ତ ବିଭାଗୀୟ ପରୀକ୍ଷା ଏବେ କମ୍ପ୍ୟୁଟର ଆଧାରିତ ପରୀକ୍ଷଣ ମାଧ୍ୟମରେ କରାଯିବ ।

# ପାଣିପାଗ ବଦଳିବା ସହ ପର୍ଯ୍ୟଟକଙ୍କ ଚାପ ଯୋଗୁଁ ବିପଦରେ 'ଥର୍ଡ ପୋଲ୍'

ଡେରାଡୁନ: ବିଶ୍ୱର 'ତୃତୀୟ ମେରୁ' ଭାବେ ପରିଚିତ ହିମାଳୟ ପାର୍ବତ୍ୟ ଅଞ୍ଚଳ ଏବେ ଗମ୍ଭୀର ପରିବେଶଗତ ସଙ୍କଟ ଦେଇ ଗତି କରୁଛି। ବଢୁଥିବା ତାପମାତ୍ରା, ଅନିୟମିତ ବରଫପାତ, ଗ୍ଲେସିୟରର ସଂକୋଚନ ଏବଂ ମାନବୀୟ କାର୍ଯ୍ୟକଳାପର ଚାପ ଯୋଗୁଁ ଏସିଆର ଏହି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିସଂସ୍ଥା ବିପନ୍ନ ହେବାରେ ଲାଗିଛି। ପରିବେଶ ବିଜ୍ଞାନୀ ପ୍ରଫେସର ଏସ୍.ପି. ସତିଙ୍କ କହିବା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ,ଋତୁଚକ୍ରରେ ଅସ୍ୱାଭାବିକ ବଦଳ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପ୍ରଦୂଷଣ ଯୋଗୁଁ ହିମାଳୟର ସ୍ୱାସ୍ଥ୍ୟ ଦିନକୁ ଦିନ ଖରାପ ହେବାରେ ଲାଗିଛି ଏବଂ ଏହାର ସିଧାସଳଖ ପ୍ରଭାବ ଗ୍ଲେସିୟରଗୁଡ଼ିକ ଉପରେ ପଡୁଛି।

ୱାଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଳୟନ ଜିଓଲୋଜିର ବରିଷ୍ଠ ଗ୍ଲେସିୟର ବିଜ୍ଞାନୀ ଡକ୍ଟର ମନୀଷ ମେହେଟ୍ଟା ପ୍ରକାଶ କରିଛନ୍ତି ଯେ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ ଲଦାଖ ଭଳି ସମଗ୍ର ହିମାଳୟ ଅଞ୍ଚଳରେ ପର୍ଯ୍ୟଟକଙ୍କ ସଂଖ୍ୟା ଅତ୍ୟଧିକ ବୃଦ୍ଧି ପାଇଛି, ଯାହା ପାହାଡ଼ ଉପରେ ଚାପ ବଢ଼ାଉଛି। ବର୍ତ୍ତମାନ ହିମାଳୟ ଅଞ୍ଚଳରେ ପ୍ରାୟ ୧୨,୦୦୦ ଛୋଟ ବଡ଼ ଗ୍ଲେସିୟର ରହିଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ ନିଜର ଆକାର ଓ ଅବସ୍ଥିତି ଅନୁସାରେ ଏହି ଗ୍ଲେସିୟରଗୁଡ଼ିକ ପ୍ରତିବର୍ଷ ୧ ରୁ ୨୦ ମିଟର ପର୍ଯ୍ୟନ୍ତ ସଂକୁଚିତ ହେବାରେ ବା ତରଳିବାରେ ଲାଗିଛନ୍ତି। ଏଥିସହିତ ସବୁଠାରୁ ବଡ଼ ଚିନ୍ତାଜନକ ବିଷୟ ହେଉଛି ବରଫପାତର ଶୈଳୀରେ ପରିବର୍ତ୍ତନ। ପୂର୍ବରୁ ଡିସେମ୍ବର, ଜାନୁଆରୀ ଓ ଫେବୃଆରୀ ମାସରେ ପ୍ରଚୁର ବରଫପାତ ହେଉଥିଲା, ଯାହା ଗ୍ଲେସିୟର ଗଠନରେ ସାହାଯ୍ୟ କରୁଥିଲା; କିନ୍ତୁ ଏବେ ଏହି ବରଫପାତ ମାର୍ଚ୍ଚ, ଏପ୍ରିଲ ଏବଂ ମେ' ମାସକୁ ଘୁଞ୍ଚିଯାଇଛି।

ବିଜ୍ଞାନୀମାନେ ଚେତାବନୀ ଦେଇଛନ୍ତି ଯେ ଏହି ସଙ୍କଟ କେବଳ ପାହାଡ଼ ମଧ୍ୟରେ ସୀମିତ ରହିବ ନାହିଁ। ହିମାଳୟର ଏହି ଗ୍ଲେସିୟରଗୁଡ଼ିକ ଏସିଆର ଅନେକ ପ୍ରମୁଖ ନଦୀର ମୁଖ୍ୟ ଉତ୍ସ, ଯାହା ତଳମୁଣ୍ଡରେ ରହୁଥିବା କୋଟି କୋଟି ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ କରେ। ଏହି ସୂକ୍ଷ୍ମ ପରିବେଶ ବ୍ୟବସ୍ଥାରେ କୌଣସି ବି ବିଭ୍ରାଟ ଦେଖାଦେଲେ ସମଗ୍ର ଅଞ୍ଚଳରେ ଜଳ ସୁରକ୍ଷା, କୃଷି, ପାଣିପାଗ ଏବଂ ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ବହୁ ଗୁଣ ସୃଷ୍ଟି କରିବ।



## ପାକିସ୍ତାନରେ ଆର୍ଥିକ ସଙ୍କଟ: ଦାରିଦ୍ର୍ୟ ହାର ବଢ଼ି ୨୮.୯% ଛୁଇଁଲା, ଶିକ୍ଷା ବଜେଟରେ ୨୩% ହ୍ରାସ

କନକ ବ୍ୟୁରୋ: ପାକିସ୍ତାନର ସାମ୍ପ୍ରତିକ ଅର୍ଥନୈତିକ ସ୍ଥିତିକୁ ନେଇ ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି । ଦେଶର ମୁଦ୍ରାସ୍ଫୀତି, ଆର୍ଥିକ ଅସମାନତା ଏବଂ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ମୂଲ୍ୟ ଯୋଗୁଁ କ୍ରମାଗତ ଭାବେ ଲୋକଙ୍କ କ୍ରୟ ଶକ୍ତି ହ୍ରାସ ପାଇବାରେ ଲାଗିଛି। ପାକିସ୍ତାନୀ ଗଣମାଧ୍ୟମ ''ଜିଓ ନ୍ୟୁଜ୍'' ଦ୍ୱାରା ପ୍ରକାଶିତ ''ପାକିସ୍ତାନ ଅର୍ଥନୈତିକ ସର୍ଭେ ୨୦୨୫-୨୬'' ରିପୋର୍ଟ ଅନୁଯାୟୀ, ଦେଶରେ ଗରିବୀ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଅପରପକ୍ଷରେ



ସରକାରଙ୍କ ପକ୍ଷରୁ ଶିକ୍ଷା କ୍ଷେତ୍ରରେ କରାଯାଉଥିବା ବ୍ୟୟ ବରାଦରେ ବଡ଼ ଧରଣର ହ୍ରାସ ଘଟିଛି, ଯାହା ଦେଶର ଇତିହାସରେ ସବୁଠାରୁ ନିମ୍ନ ସ୍ତରରେ ପହଞ୍ଚିଛି।

ସର୍ଭେ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ପାକିସ୍ତାନରେ ଦାରିଦ୍ର୍ୟ ଦୂରୀକରଣ ଦିଗରେ ହୋଇଥିବା ପ୍ରଗତି ସମ୍ପୂର୍ଣ୍ଣ ଭାବେ ଓଲଟି ଯାଇଛି। ୨୦୧୮-୧୯ ମସିହାରେ ଦେଶରେ ଜାତୀୟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତ ଥିବା ବେଳେ ୨୦୨୪-୨୫ ବର୍ଷରେ ଏହା ବୃଦ୍ଧି ପାଇ ୨୮.୯ ପ୍ରତିଶତରେ ପହଞ୍ଚିଛି। ଗରିବୀ କେବଳ ଗ୍ରାମାଞ୍ଚଳରେ ସୀମିତ ନରହି ଏବେ ସହରାଞ୍ଚଳରେ ମଧ୍ୟ ବ୍ୟାପିବାରେ ଲାଗିଛି ଏବଂ ଦେଶର ସମସ୍ତ ପ୍ରମୁଖ ପ୍ରଦେଶରେ ସ୍ଥିତି ଅଧିକ ଗମ୍ଭୀର ହୋଇଛି। ଏହି ଆର୍ଥିକ ସଙ୍କଟ ସମାଜର ଗରିବ ଶ୍ରେଣୀକୁ ସବୁଠାରୁ ଅଧିକ ପ୍ରଭାବିତ କରିଛି। ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ପଶ୍ଚିମ ଏସିଆ ବା ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ସ୍ଥିତି ଯୋଗୁଁ ଯଦି ବିଦେଶରୁ ଆସୁଥିବା ପାଣ୍ଠି ପ୍ରଭାବିତ ହୁଏ, ତେବେ ପାକିସ୍ତାନର ସାଧାରଣ ପରିବାରଗୁଡ଼ିକ ଉପରେ ଆର୍ଥିକ ବୋଝ ଆହୁରି ବଢ଼ିଯିବ।

ଆର୍ଥିକ ସଙ୍କଟ ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥା ମଧ୍ୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୨୦୨୫ ଆର୍ଥିକ ବର୍ଷରେ ସରକାରୀ ଶିକ୍ଷା ବଜେଟ୍ ୨୩ ପ୍ରତିଶତ ହ୍ରାସ ପାଇ ୯୬୨ ବିଲିୟନ ଟଙ୍କା ହୋଇଛି। ଏଥିସହ ମୋଟ ଜିଡିପିରେ ଶିକ୍ଷାର ଅଂଶ ମାତ୍ର ୦.୮ ପ୍ରତିଶତକୁ ଖସି ଆସିଛି। ବଜେଟ୍ ଅଭାବରୁ ଗରିବ ଅଞ୍ଚଳର ସ୍କୁଲଗୁଡ଼ିକରେ ମୌଳିକ ସୁବିଧା ସୁଯୋଗର ଘୋର ଅଭାବ ଦେଖାଦେଇଛି। ସ୍କୁଲରେ ନାମଲେଖା ସାମାନ୍ୟ ବଢ଼ିଥିଲେ ମଧ୍ୟ ଏବେ ବି ଲକ୍ଷ ଲକ୍ଷ ଶିଶୁ ଶିକ୍ଷା ବ୍ୟବସ୍ଥାରୁ ବଞ୍ଚିତ ଅଛନ୍ତି ଏବଂ ବିଶେଷ କରି ମହିଳାମାନଙ୍କ ମଧ୍ୟରେ ସାକ୍ଷରତା ହାର ଚିନ୍ତାଜନକ ସ୍ତରରେ ରହିଛି। ପାକିସ୍ତାନର ଜୀବନଧାରଣର ମାନରେ ସୁଧାର ଆଣିବା ପାଇଁ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଏବଂ ସରକାରୀ ପୁଞ୍ଜିନିବେଶ ବୃଦ୍ଧି ଅତ୍ୟନ୍ତ ଜରୁରୀ ବୋଲି ଏହି ଅର୍ଥନୈତିକ ସର୍ଭେରେ କୁହାଯାଇଛି।

## ଅନିଦ୍ରା ନେଲା ଜୀବନ:୬ ମାସର ଶିଶୁକୁ ନେଇ କୋଠାରୁ ଡେଇଁଲେ ସଫ୍‌ଟୱେର୍ ଇଞ୍ଜିନିୟର

କନକ ବ୍ୟୁରୋ: ତେଲେଙ୍ଗାନାର ହାଇଦ୍ରାବାଦର ମିୟାପୁର ଅଞ୍ଚଳରେ, ଜଣେ ୩୭ ବର୍ଷୀୟ ସଫ୍‌ଟୱେର୍ ଇଞ୍ଜିନିୟର ମାନସିକ ଚାପରେ ପଡ଼ି ତାଙ୍କ ଛଅ ମାସର ଶିଶୁକୁ ଧରି ଏକ କୋଠାର ଷଷ୍ଠ ମହଲାରୁ ଡେଇଁ ପଡ଼ିଛନ୍ତି। ଏହି ଘଟଣାରେ ମହିଳାଙ୍କ ମୃତ୍ୟୁ ହୋଇଛି, କିନ୍ତୁ ଶିଶୁଟି ଅଲୌକିକ ଭାବରେ ଅଳ୍ପ ଆଘାତ ପାଇ ବଞ୍ଚିଯାଇଛି। ଜଣାପଡୁଛି ଯେ ମହିଳା ଜଣକ ଅନିଦ୍ରା ରୋଗରେ ପୀଡିତ ଥିଲେ। ଘଟଣାଟି ଶୁକ୍ରବାର ରାତିରେ ଘଟିଛି। ମହିଳାଙ୍କ ନାମ ଇଶା ସାହୁ। ଘଟଣା ଜାଣିବା ପରେ, କୋଠାର ବାସିନ୍ଦାମାନେ ତଳକୁ ଦୌଡ଼ି ଯାଇଥିଲେ। ସେମାନେ ଶିଶୁ ସୁରକ୍ଷିତ ଥିବା ପାଇଥିଲେ।

ସାଇବରାବାଦ ପୁଲିସର ସୂଚନା ଅନୁଯାୟୀ, ମହିଳା ଜଣକ ପିଲାଟିକୁ ଧରି ଡେଇଁପଡ଼ିଥିଲେ। କିନ୍ତୁ, ପିଲାଟି ତାଙ୍କ ହାତରୁ ଖସିଯାଇ ଏକ ବାଡ଼େର ପଡ଼ିଯାଇଥିଲା, ଯାହା ଫଳରେ ଶିଶୁର ଜୀବନ ବଞ୍ଚିଯାଇଥିଲା। ଘଟଣାସ୍ଥଳରୁ ଲୋକମାନେ ତୁରନ୍ତ ଶିଶୁକୁ ଚିକିତ୍ସାଲାଗି ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତରୀ ତତ୍ତ୍ୱାବଧାନରେ ଶିଶୁର ଚିକିତ୍ସା ଚାଲିଛି। ସେ ବର୍ତ୍ତମାନ ବିପଦମୁକ୍ତ ରହିଛି। ସ୍ଥାନୀୟ ଲୋକମାନେ ଏହାକୁ ଏକ ଚମତ୍କାର ବୋଲି ବିବେଚନା କରୁଛନ୍ତି, କାରଣ ମହିଳାଙ୍କର ତୁରନ୍ତ ମୃତ୍ୟୁ ହୋଇଥିଲା, କିନ୍ତୁ ଏତେ ଉଚ୍ଚତାରୁ ପଡ଼ିବା ସତ୍ତ୍ୱେ ପିଲାଟି ସୁରକ୍ଷିତ ରହିଥିଲା।

ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଛି ଯେ ସଫ୍‌ଟୱେର୍ ଇଞ୍ଜିନିୟର ଇଶା ତାଙ୍କ ଦ୍ୱିତୀୟ ସନ୍ତାନର ଜନ୍ମ ପରଠାରୁ ଗୁରୁତର ମାନସିକ ଚାପ ଏବଂ ଅବସାଦରେ ପୀଡିତ ଥିଲେ। ସେ ରାତିରେ ଶୋଇ ପାରୁ ନଥିଲେ। ଗୁରୁତର ନିଦ୍ରା ସମସ୍ୟା ଯୋଗୁଁ ଇଶା କଷ୍ଟ ପାଉଥିଲେ। ଏହା ଯୋଗୁଁ ସେ ଡିପ୍ରେସନର ଶିକାର ହୋଇଥିଲେ। ପୁଲିସ କହିଛି ଯେ, ସେମାନେ ମାମଲାର ତଦନ୍ତ ସମସ୍ତ ଦିଗରୁ କରୁଛନ୍ତି ଏବଂ ମେଡିକାଲ୍ ରେକର୍ଡରୁ ଅଧିକ ସୂଚନା ତଥା ପରିବାର ସଦସ୍ୟଙ୍କୁ ପଚରାଉଚରାକୁ ଅପେକ୍ଷା କରିଛନ୍ତି। ସାଇବରାବାଦ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଇଶା ଏବଂ ତାଙ୍କ ସ୍ୱାମୀ ଉଭୟେ ଘରୋଇ କ୍ଷେତ୍ରରେ କାମ କରୁଥିଲେ ଏବଂ ପରିବାର ସହିତ ଆପାର୍ଟମେଣ୍ଟ କମ୍ପ୍ଲେକ୍ସରେ ରହୁଥିଲେ।

# ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ

ନୂଆଦିଲ୍ଲୀ : ଶନିବାର ଦିନ ଆସାମର ଜୋରହାଟରେ ଥିବା ଭାରତୀୟ ବାୟୁସେନା ଘାଟିରେ ଏକ ବଡ଼ ଦୁର୍ଘଟଣା ଘଟିଛି। ବାୟୁସେନା ଘାଟିରେ ଅବତରଣ କରିବା ସମୟରେ ଏକ ଏଏନ-୩୨ ପରିବହନ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନଟି ଦୁଇ ଖଣ୍ଡ ହୋଇଯାଇଛି। ଏହି ଘଟଣାରେ ୫ ଯବାନ ସହିଦ ହୋଇଥିବା ବାୟୁସେନା ପକ୍ଷରୁ କୁହାଯାଇଛି। ତେବେ ସୌଭାଗ୍ୟବଶତଃ କୋ-ପାଇଲଟ ବଞ୍ଚିଯାଇଛନ୍ତି। ତାଙ୍କର ଚିକିତ୍ସା ଜାରି ରହିଛି। ବିମାନଟି ଅରୁଣାଚଳ ପ୍ରଦେଶରୁ ଜୋରହାଟ ଆସୁଥିଲା। ଦୁର୍ଘଟଣା ପରେ



ବାୟୁସେନା ଘାଟିରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଭାରତୀୟ ବାୟୁସେନା କହିଛି, ଏଏନ-୩୨ ପରିବହନ ବିମାନ ଜୋରହାଟ ବାୟୁସେନା ଷ୍ଟେସନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାର କାରଣ ନେଇ ତଦନ୍ତ ଜାରି ରହିଛି। କୋର୍ଟ ଅଫ ଇନକ୍ୱାରୀ ପାଇଁ ନିର୍ଦ୍ଦେଶଶ ଜାରି କରାଯାଇଛି।

ବାୟୁସେନା ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ କୁହାଯାଇଛି, ଆସାମର ଜୋରହାଟରେ ଏଏନ-୩୨ ଦୁର୍ଘଟଣାରେ ପାଞ୍ଚ ଜଣ କର୍ମଚାରୀଙ୍କ ମୃତ୍ୟୁ ଘଟିବା ନେଇ ଭାରତୀୟ ବାୟୁସେନା ଗଭୀର ଦୁଃଖ ପ୍ରକାଶ କରୁଛି। ସ୍କ୍ୱାର୍ଡନ୍ ଲିଡର ପ୍ରଶାନ୍ତ ସିଂହ, ଫ୍ଲାଏଣ୍ଟ ଲେଫ୍‌ଟନାଣ୍ଟ ଶୁଭମ କୁମାର, ସର୍ଜେଣ୍ଟ ଜିତେନ୍ଦ୍ର ଶର୍ମା, ଅଗ୍ନିବୀରବାୟୁ ଖେମାରାମ କୁମାୱତ ଏବଂ ଅଗ୍ନିବୀରବାୟୁ ଦାନିଶ ଆଲମ କର୍ତ୍ତବ୍ୟ ପାଳନ ସମୟରେ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି। ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ଭାରତୀୟ ବାୟୁସେନା ସମବେଦନା ଜଣାଉଛି ଏବଂ ଏହି ଦୁଃଖର ମୁହୂର୍ତ୍ତରେ ସେମାନଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇଛି।

ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଦୁର୍ଘଟଣା ଘଟିବା ସମୟରେ ବିମାନଟି ଏୟାରବେସରେ ଅବତରଣ କରିବାକୁ ଯାଉଥିଲା। ଏଏନ-୩୨ ବିମାନ ସାମରିକ ବାହିନୀ ପାଇଁ ଲଜିଷ୍ଟିକ୍ସ, ଉପକରଣ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ପରିବହନ ପାଇଁ ବ୍ୟବହୃତ ହୋଇଥାଏ।

# ଟି-୨୦ ବିଶ୍ୱକପ : ଉଦଘାଟନୀ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ହରାଇଲଣ ଇଂଲଣ୍ଡ

**ବର୍ମିଂହାମ,୧୩।୬ :** ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ନବମ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍‌ରେ ମୋଟ ୩୩ଟି ମ୍ୟାଚ୍ ଖେଳାଯିବ। ଇଂଲଣ୍ଡର ୭ଟି ଷ୍ଟାଡିୟମ୍‌ରେ ଆୟୋଜିତ ହେବ। ଇଂଲଣ୍ଡ ଏହା ପୂର୍ବରୁ ୨୦୦୯ ମସିହାରେ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଆୟୋଜନ କରିଥିଲା। ୧୭ବର୍ଷ ପରେ ବିଶ୍ୱକପ୍ ଏଠାକୁ ଫେରିଥିବାରୁ ଇଂଲିସ୍ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଏହାକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି।

ଉଦ୍‌ଘାଟନୀ ମୁକାବିଲାରେ ଇଂଲଣ୍ଡ ୮୭ ରନ୍‌ର ବଡ ବ୍ୟବଧାନରେ ଶ୍ରୀଲଙ୍କାକୁ ହରାଇବା ବି ସେମାନଙ୍କ ଖୁସିକୁ ଦ୍ୱିଗୁଣ କରିଛି।ଭାରତୀୟ ସମୟ ରାତି ୧୧ଟାରୁ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା। ଶ୍ରୀଲଙ୍କା ବୋଲର୍‌ମାନେ କିନ୍ତୁ ନିଜ ଅଧିନାୟିକା ଚାମରି ଆଟାପାଟ୍ଟୁଙ୍କ ନିଷ୍ପତ୍ତିର ସମ୍ମାନ ରଖି ନଥିଲେ। ଲକ୍ଷ୍ୟହୀନ ବୋଲିଂ କରି ଇଂଲଣ୍ଡକୁ ବଡ ସ୍କୋର୍ କରିବାର ସୁଯୋଗ ଦେଇଥିଲେ। ଅନ୍ୟପକ୍ଷରେ ଘରୋଇ ଇଂଲଣ୍ଡର ଦୁଇ ଓପନର୍ ଡାନି ୱାଟ୍-ହଜ୍ (୧୦୫) ଓ ଆମି ଜୋନ୍ସ (୫୩) ଶ୍ରୀଲଙ୍କା ବୋଲରଙ୍କଦିଗହରା ବୋଲିଂକୁ ପୂରା ଫାଇଦା ଉଠାଇ ପ୍ରଥମ ୱିକେଟ୍ ଭାଗୀଦାରରେ ୧୩୫




ରନ୍ ସଂଗ୍ରହ କରି ନିଜ ଦଳ ପାଇଁ ଦୃଢ଼ ମୂଳଦୁଆ ପକାଇଥିଲେ। ଚତୁର୍ଦ୍ଦଶ ଓଭରରେ ଜୋନ୍ସଙ୍କୁ ଆଉଟ୍ କରି ମାଲକି ମଦାରା ଉଭୟଙ୍କୁ ଅଲଗା କରିଥିଲେ। ତେବେ ହଜ୍ ଓ ଅଧିନାୟିକା ନାଟ୍ ସ୍କିଭର୍ ବ୍ରଣ୍ଟ (୪୬) ଅବିଭାଜିତ ଦ୍ୱିତୀୟ ୱିକେଟ୍‌ରେ ଦ୍ରୁତ ୮୪ ରନ୍ ଯୋଡି ଇଂଲଣ୍ଡ ସ୍କୋର୍‌କୁ ୨୧୯/୧ରେ ପହଞ୍ଚାଇ ଦେଇଥିଲେ। ହଜ୍ ଧମାକାଦାର ବ୍ୟାଟିଂ କରି ମାତ୍ର ୬୧ ବଲ୍‌ରୁ ତିନି ଅଙ୍କ ଛୁଇଁବା ସହ ବିଶ୍ୱକପ୍‌ର ପ୍ରଥମ ଶତକ ହାସଲକାରୀ ହୋଇଥିଲେ। ଏହାର ଜବାବରେ ଶ୍ରୀଲଙ୍କା ବଡ ବିଜୟ ଲକ୍ଷ୍ୟର ଚାପରେ ଚାପି ହୋଇ ମାତ୍ର ୧୩୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ମଧ୍ୟକ୍ରମ ବ୍ୟାଟର୍ ନୀଲାକ୍ଷିକା ସିଲ୍‌ଭା କିଛିଟା ଲଢ଼େଇ କରି ୩୯ ରନ୍‌ର ସର୍ବୋଚ୍ଚ ପାଳି ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ଫ୍ରେୟା କେମ୍ପ୍ ଶାଣିତ ବୋଲିଂ କରି ମାତ୍ର ୨୨ ରନ୍ ବିନିମୟରେ ୪ ୱିକେଟ୍ କରାୟତ୍ତ କରିଥିଲେ। ହଜ୍‌ଙ୍କୁ ତାଙ୍କ ଶତକୀୟ ପାଳି ପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

ରବିବାରଠୁ ଭାରତର ଅଭିଯାନ ଟାଇଟଲ୍ ଫେବରିଟ୍ ଭାରତ ରବିବାରଠାରୁ ତା'ର ଅଭିଯାନ ଆରମ୍ଭ କରିବ। ହାଇଭୋଲ୍‌ଟେଜ୍ ମୁକାବିଲାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହି ମ୍ୟାଚ୍ ରାତି ୭ଟାରୁ ଆରମ୍ଭ ହେବ ଏବଂ ବର୍ମିଂହାମଠାରେ ଖେଳାଯିବ। ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଖେଳିବାକୁ ଯାଉଥିବା ଭାରତୀୟ ଦଳ ପୂର୍ବରୁ ୮ଥର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳି କେବେବି ଜିତିନି। ୨୦୨୦ରେ ଉପବିଜେତା ହେବା ହିଁ ଦଳର ଶ୍ରେଷ୍ଠ ପ୍ରଦର୍ଶନ ହୋଇରହିଛି। ଚଳିତ ଥର ଗ୍ରୁପ୍-ଏ'ରେ ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ବାଂଲାଦେଶ ଓ ନେଦରଲାଣ୍ଡସ୍ ସହ ଥିବା ଭାରତ ପ୍ରଥମ ଥର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବା ଲକ୍ଷ୍ୟରେ ରହିଛି। ମହିଳା ଦିନିକିଆ ବିଶ୍ୱକପ୍ ଜିତି ସାରିଥିବାରୁ ଏହି ପ୍ରତୀକ୍ଷିତ ଲକ୍ଷ୍ୟକୁ ଭାରତ ଚଳିତ ସଂସ୍କରଣରେ ପୂରଣ କରିବାକୁ ପୂରା ସକ୍ଷମ ବୋଲି ମଧ୍ୟ ବିଶେଷଜ୍ଞମାନେ ମତ ରଖିଛନ୍ତି। ପାକିସ୍ତାନ ବିପକ୍ଷରେ ଭାରତର ରେକର୍ଡ ସବୁବେଳେ ଭଲ ରହି ଆସିଥିବାରୁ ଏଥର ମଧ୍ୟ ସେହି ସଫଳତା ଦୋହରାଇବେ ବୋଲି ହରମନ୍ ପ୍ରୀତ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଉଭୟ ଦଳ ପରସ୍ପର ବିପକ୍ଷରେ ୧୫ଟି ଟ୍ୱେଣ୍ଟି-୨୦ ଖେଳିଛନ୍ତି। ସେଥିମଧ୍ୟରୁ ଭାରତ ୧୨ ଏବଂ ପାକିସ୍ତାନ ମାତ୍ର ୩ଟିରେ ବିଜୟୀ ହୋଇଛି।

# ସେମିରେ ହାରିଲେ ପିଭି ସିନ୍ଧୁ

**ସିଡ୍‌ନୀ,୧୩।୬ :** ଦୁଇ ଥର ଅଲିମ୍ପିକ୍ସ ପଦକ ବିଜୟିନୀ ତଥା ଭାରତୀୟଲଳନାପିଭି ସିନ୍ଧୁଙ୍କ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଅଭିଯାନ ସେମିଫାଇନାଲ୍‌ରେ ଶେଷ ହୋଇଯାଇଛି। ଶନିବାର ତାଙ୍କୁ ବିଶ୍ୱ ବିଜୟିନୀ ତଥା ଟପ୍ ସିଡ୍ ଜାପାନର ଅକାନେ ୟାମାଗୁଚି ୨୦-୨୨, ୧୨-୨୧ ସିଧାସଳଖ ସେଟ୍‌ରେ ହରାଇ ବିଦାୟର ପଥ ଦେଖାଇ ଦେଇଛନ୍ତି। ଚଳିତବର୍ଷ ନିଜର ପ୍ରଥମ ଫାଇନାଲ୍ ପ୍ରବେଶ ଲକ୍ଷ୍ୟରେ ଥିବା ତୃତୀୟ ସିଡ୍ ସିନ୍ଧୁ ପ୍ରଥମ ସେଟ୍‌ରେ ୟାମାଗୁଚିଙ୍କୁ କଡା ଟକ୍କର ଦେଇଥିଲେ। ତେବେ ଏହାକୁ ୨ ପଏଣ୍ଟରେ ହାରିବା ପରେ ମନୋବଳ ହରାଇ ବସିଥିଲେ। ଫଳରେ ଦ୍ୱିତୀୟ ତଥା ନିର୍ଣ୍ଣାୟକ ସେଟରେ ଆଶାଜନକ ଲଢ଼େଇ କରି ନପାରି ସହଜରେ ପରାଜିତହୋଇଥିଲେ। ସିନ୍ଧୁଙ୍କ ବିପକ୍ଷରେ ୟାଗାଗୁଚିଙ୍କର ଏହା କ୍ରମାଗତ ଷଷ୍ଠ ବିଜୟ ଥିଲା। ୟାମାଗୁଚି ମଧ୍ୟ ଲଗାତାର ଚତୁର୍ଥ ଥର ପାଇଁ କେ?ଣସି ସୁପର ସିରିଜ ପ୍ରତିଯୋଗିତାର ଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ଚଳିତ ବର୍ଷ ମେ ମାସରେ ସେ ଥାଇଲାଣ୍ଡ ଓପନ୍ ଜିତିବା ସହ ସିଙ୍ଗାପୁର ଓ ଇଣ୍ଡୋନେସିଆ ଓପନ୍‌ରେ ଉପବିଜୟିନୀ ହୋଇଥିଲେ। ରବିବାରର ଫାଇନାଲ୍‌ରେ ୟାମାଗୁଚି ନିଜର ଅନ୍ୟତମ ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଥାଇଲାଣ୍ଡର ପର୍ଣ୍ଣାପଓ୍ୱି ଚୋଚୁଓ୍ୱଙ୍ଗଙ୍କୁ ଭେଟିବେ। ସିନ୍ଧୁ ପରାଜିତ ହେବା ସହ



ଚଳିତବର୍ଷର ଅଷ୍ଟ୍ରେଲିଆନ୍ ଓପନ୍‌ରେ ଭାରତୀୟ ଅଭିଯାନ ମଧ୍ୟ ଶେଷ ହୋଇଯାଇଛି। କାରଣ ତାଙ୍କ ବ୍ୟତିତ ଅନ୍ୟ କୌଣସି ଭାରତୀୟ ଏହି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଆଗକୁ ବଢ଼ି ନଥିଲେ।

# ପାରାଗ୍ୱେକୁ ୪-୧ ଗୋଲ୍‌ରେ ହରାଇଲା ଆମେରିକା

**ଲସ୍‌ଏଞ୍ଜେଲସ୍,୧୩।୬ :** ଅନ୍ୟତମ ସହ ଆୟୋଜକ ଆମେରିକା ଚଳିତ ଫୁଟ୍‌ବଲ୍ ବିଶ୍ୱକପରେ ଆଧିପତ୍ୟଭରା ଆରମ୍ଭ କରିଛି। ଶନିବାର ସକାଳେ (ଭାରତୀୟ ସମୟ) ଖେଳିଥିବା ନିଜ ପ୍ରଥମ ମ୍ୟାଚ୍‌ରେ ପାରାଗୁଏକୁ ଏକତରଫା ଭାବେ ୪-୧ ଗୋଲ୍‌ରେ ହରାଇ ଦେଇଛି। ଫଳରେ ଘରୋଇ ପରିବେଶରେ ପ୍ରଥମ ଥର ବିଜେତା ହେବା ଲାଗି ପ୍ରଥମ ପାହାଚ ଚଢ଼ିଛି। ବିଶ୍ୱକପ୍‌ରେ ଆମେରିକାର ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ତୃତୀୟ ସ୍ଥାନ।

ଯାହା ଏହି ଦଳ ୯୬ବର୍ଷ ତଳେ ଅର୍ଥାତ୍ ୧୯୩୦ ମସିହାରେ ହାସଲ କରିଥିଲା। ଗ୍ରୁପ୍-ଡି'ର ଏହି ପ୍ରଥମ ମୁକାବିଲାରେ ତାରକା ଆଗ୍ରଭାଗ ଖେଳାଳି ଫ୍ଲୋରିଆନ ବାଲୋଗନ ଦୁଇଟି ଗୋଲ୍ ? (୩୧, ୪୫+୫) ଦେଇ ଆମେରିକା ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂରା ଆମେରିକୀୟ ଦଳ ମଧ୍ୟ ନିଜ ଆକ୍ରମଣାତ୍ମକ ଖେଳର ବଳିଷ୍ଠ ନମୁନା ଦେଖାଇ ଆରମ୍ଭରୁ ପାରାଗୁଏ ଉପରେ ଅସହ୍ୟ ଚାପ ସୃଷ୍ଟି କରିବାକୁ ସକ୍ଷମ




ହୋଇଥିଲା। ସ୍ଥିତି ଏମିତି ହୋଇଥିଲା ଯେ ପାରାଗୁଏ ଖେଳାଳି ଡାମିଏନ୍ ବୋବାଡିଲା ସପ୍ତମ ମିନିଟ୍‌ରେ ଏକ ଆତ୍ମଘାତି ଗୋଲ୍ ଦେଇ ପ୍ରତିପକ୍ଷ ଆମେରିକାକୁ ଅଗ୍ରଣୀ ଉପହାର ଦେଇଥିଲେ। ଆମେରିକା ପକ୍ଷରୁ ଅନ୍ୟ ଗୋଲ୍‌ଟି ଜାଓଭାନି ରେୟନା (୯୦+୮) ଦେଇଥିଲେ। ଆମେରିକା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଅଷ୍ଟ୍ରିୟାକୁ ଏବଂ ନିଜ ପୁରୁଣା ଚମକ ଫେରି ପାଇବାକୁ ସଂଘର୍ଷ କରୁଥିବା ତୁର୍କୀକୁ ଭେଟିବ ପାରାଗୁଏ। ଶନିବାର ପ୍ରଥମାର୍ଦ୍ଧେ ସୁଦ୍ଧା ଆମେରିକା ୨-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଆଉ ଦୁଇଟି ଗୋଲ୍ ଦେଇ ସହଜ ବିଜୟ ହାସଲ କରିଥିଲା। ଅନ୍ୟପକ୍ଷରେ ପାରାଗୁଏ ମୋରିସିଓ ପ୍ରାଡୋ (୭୩ ମିନିଟ୍)ଙ୍କ ମଧ୍ୟମରେ ମାତ୍ର ଗୋଟିଏ ଗୋଲ୍ ତିନିଟି ଗୋଲ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ମ୍ୟାଚ୍ ପରେ ଆମେରିକା ଅଧିନାୟକ ଟିମ୍ ରିୟମ ନିଜ ଦଳର ପ୍ରଦର୍ଶନ ନେଇ ଖୁସି ଜାହିର କରିଥିଲେ। ଆମେ ଠିକ୍ ଏହିଭଳି ଆରମ୍ଭ ଚାହୁଥିଲୁ ବୋଲି ନିଜ ପ୍ରତିକ୍ରିୟାରେ କହିଥିଲେ।

# ଚେକ୍ ଗଣରାଜ୍ୟକୁ ହରାଇଲା ଦକ୍ଷିଣ-କୋରିଆ

**ସାପୋପାନ୍ (ମେକ୍ସିକୋ),୧୩।୬ :** ଚଳିତ ଫିଫା ବିଶ୍ୱକପ୍‌ରେ ଏସୀୟ ମହାଦେଶ ଦଳ ଦକ୍ଷିଣ କୋରିଆ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ-ଏ'ର ଦ୍ୱିତୀୟ ମ୍ୟାଚ୍‌ରେ ରିପବ୍ଲିକ୍ କୋରିଆ ୨-୧ ଗୋଲରେ ଚେକ୍ ଗଣରାଜ୍ୟକୁ ପରାସ୍ତ କରିଛି। କଡା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟରେ ସରିଥିଲା। ୫୯ତମ ମିନିଟ୍‌ରେ ଚେକର ଲାଡିସ୍ ଲାଭ କ୍ରେସିଙ୍କ ଗୋଲ୍‌ରେ ଚେକ୍ ଦଳ ପ୍ରାରମ୍ଭିକ ଅଗଣୀ ନେଇଥିଲା। ହେଲେ ୮ ମିନିଟ୍ ପରେ କୋରିଆ ଗୋଲଟି ଶୁଝି ସ୍ଥିତି ସମାନ କରିଥିଲେ। କୋରିଆର ହ୍ୱାଙ୍ଗ ଇନ୍ ବିଓମ୍ (୬୭ ମିନିଟ୍)ଙ୍କ ଏହି ଗୋଲ୍‌ଟି ଦେଇଥିଲେ। ୭୭ତମ ମିନିଟରେ ଚେକ୍‌କୁ ମିଳିଥିବା ଫ୍ରିକିକ୍‌କୁ ଥୋମାସ ସେସେକ୍ ହେଡର୍‌ରେ କୋରିଆର ଗୋଲ୍‌ପୋଷ୍ଟକୁ ପଠାଇ ଖୁସି ମନାଇଥିଲେ। ହେଲେ ରେଫରି ଏହାକୁ ଅଫ୍‌ସାଇଡ୍ କହିବାରୁ ଚେକ୍‌ର ଖୁସି ମରି ଯାଇଥିଲା। ଏହାର ୩ ମିନିଟ୍ ପରେ



କୋରିଆର ଓହ ହିଓଁ ଗ୍ୟୁ (୮୦ ମିନିଟ୍) ଗୋଲ୍‌ରେ କୋରିଆ ୨-୧ରେ ବିଜୟ ମୁଣ୍ଡି ମାରିଥିଲା। ଗୁରୁବାର କୋରିଆ ନିଜର ପରବର୍ତ୍ତୀ ମ୍ୟାଚ୍‌ରେ ସହ ଆୟୋଜକ ମେକ୍ସିକୋକୁ ଭେଟିବ। ମେକ୍ସିକୋ ୨-୦ ଗୋଲ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫିଫା ବିଶ୍ୱକପ୍-୨୦୨୬ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଅନ୍ୟତମ ଅୟୋଜକ ମେକ୍ସିକୋ ୨-୦ ଗୋଲ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଚମତ୍କାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ଦର୍ଶକରେ ଭରପୂର ଇଷ୍ଟାଡିଓ ଏକ୍‌ଟିକାରେ ଅନୁଷ୍ଠିତ ଏହି ମ୍ୟାଚ୍‌ର ନବମ ମିନିଟ୍‌ରେ ଜୁଲିଆନ୍ କ୍ୟୁନୋନ୍ସଙ୍କ ଗୋଲ୍ ବଳରେ ଘରୋଇ ଦଳ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ପ୍ରଥମାର୍ଦ୍ଧକୁ ମଧ୍ୟ ଦଳ ଏହି ଅଗ୍ରଣୀ ସହ ଶେଷ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଅଧିକ ଅକ୍ରମଣାତ୍ମକ ଖେଳିଥିବା ମେକ୍ସିକୋକୁ ରୋକିବାକୁ ଦକ୍ଷିଣ ଆଫ୍ରିକା ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଏପରିକି ନିୟନ୍ତ୍ରଣ ଓ ସଂଯମତା ହରାଇ ଦକ୍ଷିଣ ଆଫ୍ରିକା ଖେଳାଳି ଦୁଇଟି ଲାଲ୍ କାର୍ଡ ପାଇବା ଏହି ଦଳକୁ ଚାପରେ ରଖିଥିଲା। ୪୯ତମ ମିନିଟରେ ଏକ ସ୍ୱଷ୍ଟ ଗୋଲସ୍କୋରିଂ ସୁଯୋଗକୁ ରୋକିଥିବାରୁ ଦକ୍ଷିଣ ଆଫ୍ରିକାର ସିଥୋଲଙ୍କୁ ରେଫରି ସିଧା ଲାଲ୍ କାର୍ଡ ଦେଖାଇଥିଲେ। ତେବେ ୬୭ତମ ମିନିଟ୍‌ରେ ଆଲଭାରାଡୋଙ୍କ କ୍ରସ୍‌ରୁ ପାଇଥିବା ବଲ୍‌କୁ ହେଡର୍ ଜରିଆରେ ଗୋଲ୍ ଦେଇ ଜିମେନେଜ୍ ଅଗ୍ରଣୀକୁ ୨-୦ କରି ଦେଇଥିଲେ। ୮୨ତମ ମିନିଟ୍‌ରେ ଥେମ୍ବା ଜ୍ୱାମେନଙ୍କୁ ଲାଲ୍ କାର୍ଡ ଦେଇଥିଲେ ରେଫରି। ଏହା ସତ୍ତ୍ୱେ ୯ ଜଣିଆ ଦକ୍ଷିଣ ଆଫ୍ରିକା ନିଜ ରକ୍ଷଣଭାଗକୁ ଦୃଢ଼ କରି ଗୋଲ ବରଣ କରିନଥିଲା। ବରଂ ଇନଜ୍ୟୁରି ଟାଇମ (୯୦+୧ ମିନିଟ୍)ରେ ଖୁଲିସୋଙ୍କୁ ବିପଜ୍ଜନକ ଚାଲେଞ୍ଜ୍ କରି ମେକ୍ସିକୋ ଅଧିନାୟକ ସେସାର ମଣ୍ଟେସ୍ ମଧ୍ୟ ଲାଲ୍ କାର୍ଡ ପାଇଥିଲେ।

# ଅନ୍ତର୍ଜାତୀୟ କ୍ରିକେଟ୍‌ରୁ କେନ୍ ୱିଲିୟମ୍‌ସନଙ୍କ ସନ୍ୟାସ

**ନୂଆଦିଲ୍ଲୀ,୧୩।୬ :** ବିଶ୍ୱ କ୍ରିକେଟ୍‌ରେ ଅନ୍ୟତମ ସମ୍ମାନିତ ଏବଂ ସଫଳ ବ୍ୟାଟର କେନ୍ ୱିଲିୟମ୍‌ସନଙ୍କ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ୟାସ ନେଇଛନ୍ତି। ୧୬ ବର୍ଷ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ପରିଚିତ ନାମ ଥିବା ଏହି ଲୋକପ୍ରିୟ ଖେଳାଳି ତତ୍‌କାଳ ପ୍ରଭାବରେ ସନ୍ୟାସ ଘୋଷଣା କରି ଖେଳପ୍ରେମୀଙ୍କୁ ଭାବୁକ କରିଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତିରେ ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ଏକ ସୁବର୍ଣ୍ଣ ଅଧ୍ୟାୟ ଶେଷ ହୋଇଛି। ୱିଲିୟମସନ ଚଳିତ ମାସ ନ୍ୟୁଜିଲାଣ୍ଡ ତରଫରୁ ଇଂଲଣ୍ଡ ବିପକ୍ଷରେ ଲର୍ଡସ ଟେଷ୍ଟ ମ୍ୟାଚ୍‌ରେ ଓହ୍ଲାଇଥିଲେ। ୱିଲିୟସମସନଙ୍କ ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କ ସହିତ ସଂପର୍କ ରହିଛି। ଉଭୟ ଖେଳାଳି ୧୯ବର୍ଷରୁ କମ୍ କ୍ରିକେଟ୍‌ରେ ଏକ ସମୟରେ ପଡିଆକୁ ଓହ୍ଲାଇଥିଲେ।

୩୫ ବର୍ଷୀୟ କେନ୍ ୱିଲିୟମସନ୍ ନିଜର କ୍ୟାରିୟର ଶେଷ ନ୍ୟୁଜିଲାଣ୍ଡର ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ କରିଛନ୍ତି। ସେ ୩୭୮ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ୧୯,୩୪୭ ରନ୍ କରିଛି, ଯେଉଁଥିରେ ସେ ୪୮ଟି ଶତକ ସାମିଲ କରିପାରିଛନ୍ତି। ତଥ୍ୟ ଅନୁସାରେ ସେ କେବଳ ନ୍ୟୁଜିଲାଣ୍ଡରେ ନୁହେଁ, ବରଂ ନିଜର ଗଷ୍ଟର ସବୁଠାରୁ ଜଣେ ଭଲ ବ୍ୟାଟର ମଧ୍ୟ ହୋଇପାରିଛନ୍ତି।

୨୦୧୦ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ରଖିଥିବା କେନ୍ ୱିଲିୟମସନ୍ କମ ସମୟ ମଧ୍ୟରେ ନିଜର କୌଶଳ, ଧୌର୍ଯ୍ୟ ହାସଲ କରିଥିଲେ। ତାଙ୍କର ବ୍ୟାଟିଂରେ ଆକ୍ରମଣାତ୍ମକ



କମ ଦେଖାଯାଉଥିଲା। କିନ୍ତୁ ପ୍ରଭାବ ଏବଂ ନିରନ୍ତରତା ସର୍ବାଧିକ ଦୃଶ୍ୟମାନ ହେଉଥିଲା। ଯେଉଁ ସମୟରେ ନ୍ୟୁଜିଲାଣ୍ଡକୁ ବିଶ୍ୱର ମଜବୁତ ଟିମ୍ ଭାବେ ଦେଖାଯାଉଥିଲା, ସେହି ସମୟରେ ୱିଲିୟମସନ ପ୍ରମୁଖ ମୁହଁ ଭାବେ ଦେଖାଯାଇଥିଲେ। ସେ କେବଳ ଜଣେ ରନ ସଂଗ୍ରହକାରୀ ଖେଳାଳି ନଥିଲେ, ବରଂ ଦଳକୁ ବିଜୟୀ କରିବାରେ ବଡ ଭୂମିକା ତୁଲାଉଥିଲେ।

ବ୍ୟାଟିଂ ବ୍ୟତୀତ ଅଧିନାୟକ ଭାବେ କେନ୍ ୱିଲିୟମସନଙ୍କ ଯୋଗଦାନ ସ୍ମରଣୀୟ ରହିବ। ତାଙ୍କର ନେତୃତ୍ୱରେ ନ୍ୟୁଜିଲାଣ୍ଡ ୨୦୧୯ର ଦିନିକିଆ ବିଶ୍ୱକପ ଫାଇନାଲ ପର୍ଯ୍ୟନ୍ତ ପହଞ୍ଚି ପାରିଥିଲା। କିନ୍ତୁ ତାଙ୍କର କ୍ୟାରିୟରର ସବୁଠାରୁ ବଡ ଉପଲବ୍ଧି ୨୦୨୧ରେ ଅନୁଭୂତ ହୋଇଥିଲା। ସମୟ ଥିଲା ଭାରତକୁ ପରାସ୍ତ କରି ନ୍ୟୁଜିଲାଣ୍ଡ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଟାଇଟଲ ହାସଲ କରିଥିଲା। ଏହି ବିଜୟ ଉଭୟ ନ୍ୟୁଜିଲାଣ୍ଡ ଏବଂ କେନ୍ ୱିଲିୟମସନଙ୍କୁ ବଡ ପରିଚୟ ଦେଇଥିଲା।

କେନ୍ ୱିଲିୟମସନ୍ କେବଳ ନିଜର ରେକର୍ଡସ ପାଇଁ ନୁହେଁ, ବରଂ ତାଙ୍କର ବ୍ୟବହାର ଏବଂ ଖେଳାଳି ଭାବନା ପାଇଁ ମଧ୍ୟ କ୍ରିକେଟପ୍ରେମୀ ଏବଂ ପ୍ରଶଂସକଙ୍କ ହୃଦୟରେ ରହିବେ। ପଡିଆରେ ଯଦି ସେ କେବେକେବେ ରାଗିଲା ପରି ଦେଖାଯାଇଛନ୍ତି, କିନ୍ତୁ ବିଜୟ ଅଥବା ପରାଜୟରେ ତାଙ୍କର ମୁହଁରେ ସବୁବେଳେ ଶାନ୍ତି ଏବଂ ବିନମ୍ରତା ଦେଖାଯାଏ। ଏହି କାରଣରୁ ତାଙ୍କୁ ବିପକ୍ଷ ଦଳ ସମ୍ମାନ କରିଥାନ୍ତି। ନ୍ୟୁଜିଲାଣ୍ଡର ମୁଖ୍ୟ କୋଚ୍ ରବ ୱାଲ୍ଟର କହିଛନ୍ତି, କେନ୍ ୱିଲିୟମସନ ଭଳି ଖେଳାଳି ଏବଂ ମଣିଷ ବହୁତ କମ ଦେଖାଯାଆନ୍ତି।

# ପଟିଆ ପ୍ରିମିଅର ଲିଗ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୧୩।୬ :** ପଟିଆଗଡ ଯାତ୍ରା ପଡିଆ ଠାରେ ସଟ୍ ବାଉଣ୍ଡରୀ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେ□ପଟିଆ ପ୍ରିମିଅର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଗୋଲକ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ୧ ନଂ ୱାର୍ଡର କର୍ପୋରେଟର ମିହିର କୁମାର ରାଉତ, ଯୁବନେତା ତ୍ରୈଲୋକ ନାଥ ରାଉତ, ହିମାଂଶୁ ଶେଖର ଦାସ, ସୁବାସ ଜେନା , ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରିମିଅର ଲିଗ୍ ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପଟିଆ ଗ୍ରାମର ୬ଟି ଦଳ ଯଥା ପଟିଆ ଟାଇଗର୍, ଇଗଲ କିଙ୍ଗସ୍, ପଟିଆ ଲାୟନ୍ସ, ବ୍ଲାକ ପାନ୍ଥସ୍, ଫାୟାର ବଲ ଓ ଜୟଦେବ ଫାଟରସ୍ ଅଂଶଗ୍ରହଣ କରିଛନ୍ତି। ଆଇପିଏଲ ଢା□ାରେ ପ୍ରତ୍ୟେକ ଟିମ୍ ୫ ଟି ଦଳ ସହିତ ଖେଳିବ। ୩୦ ଟି ଲିଗ୍ ମ୍ୟାଚ ଖେଳ ହେବା ପରେ ସର୍ବାଧିକ ପଏଣ୍ଟ ଅର୍ଜନ କରିଥିବା ୪ ଟି ଟିମ୍ ସେମି ଫାଇନାଲ ଖେଳିବେ। ଏହା ପରେ ଦୁଇ ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ଚାମ୍ପିଅନ ଓ ରନର୍ସଅପ୍ ଟିମକୁ ଆକର୍ଷଣୀୟ ଟ୍ରଫି ଓ ନଗଦ



ଅର୍ଥରାଶି ସହିତ ତୃତୀୟ ସ୍ଥାନ ଅଧିକାର କରିଥିବା ଟିମ୍‌କୁ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ପଟିଆ ଗ୍ରାମର ଏକତା ବଜାୟ ରଖିବା ଓ ଯୁବପିଢୀ ମାନଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି ପାଇଁ ଏଭଳି ଟୁର୍ଣ୍ଣାମେ□ ଆୟୋଜନ କରାଯାଇଛି।

# ଶତକ ମାରିଲେ ସୂର୍ଯ୍ୟବଂଶୀଙ୍କ ସାନ ଭାଇ

**ପାଟ୍‌ନା,୧୩।୬ :** ଆଇପିଏଲ୍-୨୦୨୬ରେ ସର୍ବାଧିକ ରନ୍ କରିବା ପରେ ଭାରତୀୟ 'ଏ' ଦଳରେ ସ୍ଥାନ ପାଇବା ଏବଂ ମାତ୍ର ୧୫ ବର୍ଷ ବୟସରେ ଭାରତୀୟ ବଳିଷ୍ଠ



ଦଳକୁ ଡାକରା ପାଇଥିବା ବିସ୍ମୟ ବାଳକ ସୂର୍ଯ୍ୟବଂଶୀ ସୂରଜଙ୍କ ସାନ ଭାଇ ଆଶୀର୍ବାଦ ମଧ୍ୟ କ୍ରିକେଟ୍ ପଡିଆରେ ନିଜ ଛାପ ଛାଡିବା ଆରମ୍ଭ କରିଛନ୍ତି। ୧୦ବର୍ଷୀୟ ଆଶୀର୍ବାଦ ଏକ ସ୍ଥାନୀୟ ପ୍ରତିଯୋଗିତାରେ ଶତକୀୟ ପାଳି ଖେଳି ଚର୍ଚ୍ଚାକୁ ଆସିଛନ୍ତି।

ସମସ୍ତିପୁରର କ୍ରିକେଟ୍ ଏକାଡେମୀ ଅଫ୍ ତାଜପୁରର ପ୍ରତିନିଧିତ୍ୱ କରି ସେ ମାତ୍ର ୮୭ ବଲ୍‌ରୁ ୧୦୩ ରନ୍ କରିଛନ୍ତି। ବଡ ଭାଇ ସୂର୍ଯ୍ୟବଂଶୀଙ୍କ ଭଳି ଆକ୍ରମଣାତ୍ମକ କ୍ରିକେଟ୍ ଖେଳିବାକୁ ଭଲ ପାଉଥିବା ଆଶୀର୍ବାଦ ନିଜର ଏହି ସ୍ମରଣୀୟ ପାଳି ଭିତରେ ୨୦ ଚୌକା ଓ ଗୋଟିଏ ଛକା ମାରିଥିଲେ। ତାଙ୍କ ବିସ୍ଫୋରକ ବ୍ୟାଟିଂ ପାଇଁ ତାଜପୁର ଦଳ କେବଳ ୨୯.୫ ଓଭରରେ ୨୩୪ ରନ୍‌ର ବିଶାଳ ସ୍କୋର୍ କରିଥିଲା। ଆଶୀର୍ବାଦ ମଧ୍ୟ ବୈଭବଙ୍କ ଭଳି ଆଗାମୀ କିଛି ବର୍ଷ ମଧ୍ୟରେ ଭାରତୀୟ ଦଳରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିଲାଗି କଠିନ ପରିଶ୍ରମ ବି କରୁଛନ୍ତି।

# ଦିନିକିଆରେ ସବୁଠୁ ବୟସ୍କ ଭାରତୀୟ ଖେଳାଳି ରୋହିତ ଶର୍ମା

**ଧର୍ମଶାଳା,୧୩।୬ :** ଧର୍ମଶାଳାଠାରେ ଆଫଗାନିସ୍ତାନ ବିପକ୍ଷରେ ଖେଳାଯାଉଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭେଟେରାନ୍ ଭାରତୀୟ ବ୍ୟାଟର ରୋହିତ ଶର୍ମା ଏକ ନୂଆ ଇତିହାସ ରଚିଛନ୍ତି। ସେ ଭାରତ ପକ୍ଷରୁ ଦିନିକିଆ ମ୍ୟାଚ୍ ଖେଳିବାରେ ସବୁଠାରୁ ବୟସ୍କ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ବର୍ଷା ଯୋଗୁଁ ଏହି ମ୍ୟାଚକୁ ୨୫ ଓଭର ବିଶିଷ୍ଟ କରାଯାଇଥିବା ବେଳେ ଅଧିନାୟକ ଶୁବମାନ ଗିଲ୍ ଟସ୍ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରୋହିତ ଶର୍ମା ଆଜି ୩୯ ବର୍ଷ ଏବଂ ୪୪ ଦିନ ବୟସରେ ପଡ଼ିଆକୁ ଓହ୍ଲାଇଛନ୍ତି, ଯାହାକି ଭାରତୀୟ ଦିନିକିଆ କ୍ରିକେଟ୍ ଇତିହାସରେ ଏକ ନୂତନ ରେକର୍ଡ। ସେ ୧୯୮୩ ବିଶ୍ୱକପ୍ ହିରୋ ମହିନ୍ଦର ଅମରନାଥଙ୍କ ପ୍ରାୟ ୩୭ ବର୍ଷର ପୁରୁଣା ରେକର୍ଡକୁ ଅତିକ୍ରମ କରିଛନ୍ତି। ମହିନ୍ଦର ଅମରନାଥ ଅକ୍ଟୋବର ୩୦, ୧୯୮୯ରେ ମୁମ୍ବାଇଠାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ନିଜର ଶେଷ ଦିନିକିଆ ମ୍ୟାଚ୍ ଖେଳିଥିଲେ, ଯେତେବେଳେ ତାଙ୍କ ବୟସ ୩୯ ବର୍ଷ ୩୬ ଦିନ ଥିଲା।

ବର୍ଷା ଯୋଗୁଁ ପ୍ରାୟ ୪ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ଭାରତୀୟ ଦଳ ପକ୍ଷରୁ ଦୁଇଜଣ ଯୁବ ଖେଳାଳି ଆନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ସେମାନେ




ହେଲେ ଦ୍ରୁତ ବୋଲର ଗୁରନୁର ବ୍ରାର୍ ଏବଂ ଅଲରାଉଣ୍ଡର ହର୍ଷ ଦୁବେ। ଯଶସ୍ୱୀ ଜୈସୱାଲଙ୍କ ବଦଳରେ ଈଶାନ କିଷନଙ୍କୁ ଦଳରେ ସୁଯୋଗ ମିଳିଛି ଏବଂ ସେ ୩ ନମ୍ବରରେ ବ୍ୟାଟିଂ କରିବେ। ଆହତ କାରଣରୁ ବିରାଟ କୋହଲି ଓ ହାର୍ଦ୍ଦିକ ପାଣ୍ଡ୍ୟା ଦଳରୁ ବାଦ୍ ପଡ଼ିଥିବା ବେଳେ ବରିଷ୍ଠ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଛି। ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଦିନିକିଆ ଫର୍ମାଟ୍ରେ ଏହା ହେଉଛି ପ୍ରଥମ ଦ୍ୱିପାକ୍ଷିକ ସିରିଜ୍। ପୂର୍ବରୁ ଉଭୟ ଦଳ କେବଳ ବିଶ୍ୱକପ୍ ଓ ଏସିଆ କପ୍‌ରେ ୪ ଥର ମୁହାଁମୁହିଁ ହୋଇଥିଲେ (ଯେଉଁଥିରୁ ଭାରତ ୩ଟି ଜିତିଥିବା ବେଳେ ଗୋଟିଏ ଟାଏ ରହିଥିଲା)। ଏହି ସିରିଜର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ବୁଧବାର ଦିନ ଲକ୍ଷ୍ନୌଠାରେ ଏବଂ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଜୁନ୍ ୨୦ ତାରିଖରେ ଚେନ୍ନାଇରେ ଖେଳାଯିବ। ଗତ ସପ୍ତାହରେ ଭାରତ ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚକୁ ଇନିଂସ୍ ଏବଂ ୩୦୦ ରନ୍‌ରେ ବିଶାଳ ବ୍ୟବଧାନରେ ଜିତିଥିଲା। ତେବେ ଗତ ୫ଟି ଦିନିକିଆ ମଧ୍ୟରୁ ଭାରତ ୩ଟିରେ ପରାସ୍ତ ହୋଇଥିବା ବେଳେ ଆଫଗାନିସ୍ତାନ କ୍ରମାଗତ ୪ଟି ଦିନିକିଆରେ ବିଜୟୀ ହୋଇ ଏହି ମ୍ୟାଚ୍ ଖେଳିବାକୁ ଓହ୍ଲାଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ